

ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସିଏ ହିଁ ସବୁଠାରୁ ବଳି ବିପଜ୍ଜନକ ଲୋକ।
- ଶିଶେରୋ



## ସଂକ୍ଷେପରେ

### ୬ଦିନ ପରେ ଫେରାର ନାବାଳିକାବାଳକ ଉଦ୍ଧାର

ରସୁଲପୁର,୪।୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ଅଞ୍ଚଳରୁ ଫେରାର ହୋଇଯାଇଥିବା ନାବାଳିକାବାଳକଙ୍କୁ କୁଆଖିଆ ପୋଲିସ ୬ଦିନ ପରେ ଧର୍ମଶାଳା ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା କରିବା ପରେ ନାବାଳିକାଙ୍କୁ ଯାଜପୁରସ୍ଥିତ ସ୍ୱାଧାର ଗୃହକୁ ପଠାଇ ଦେଇଥିବାବେଳେ ନାବାଳକଙ୍କୁ ଅନୁଗୋଳସ୍ଥିତ ଜୁଭେଲାଇନ କୋର୍ଟକୁ ପଠାଇ ଦେଇଛି। ବୁଧବାର ନାବାଳିକାଙ୍କ କୋର୍ଟରେ ବୟାନ ରେକର୍ଡ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ୨୯ ତାରିଖରେ ଜନୈକା ନାବାଳିକାଙ୍କୁ ଜଣେ ନାବାଳକ ନେଇ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ନାବଳିକାଙ୍କ ମା' କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୩୮/୨୦୨୦) ରୁଜୁ କରି ଉଭୟଙ୍କୁ ଧର୍ମଶାଳା ଅଞ୍ଚଳରୁ ଉଦ୍ଧାର କରିଥିଲା।

### ନାଳରେ ବୁଡ଼ି ଚାଷୀ ମୃତ

ରସୁଲପୁର,୪।୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ କୁଳକୁରାଂଶ ଗ୍ରାମର ଅଗ୍ରଣୀ ଚାଷୀ ତଥା ପ୍ରଥମାଖଣ୍ଡ ସମବାୟ ସମିତି(ପାକ୍ସ)ର ବୋର୍ଡ ମେମ୍ବର ବନମାଳୀ ସାହୁ(୬୫) ମଙ୍ଗଳବାର ରଣା ନାଳରେ ବୁଡି ପ୍ରାଣ ହରାଇଛନ୍ତି। ବନମାଳି ସକାଳୁ ଫସଲ କ୍ଷେତ ଦେଖିବାକୁ ଯାଇଥିଲେ। ତାଙ୍କୁ ପାଇଖାନା ଲାଗିବାରୁ ସେ ଶୌଚ ହେବାକୁ ରଣା ନାଳ ଭିତରକୁ ଯାଇଥିଲେ। ନାଳର ଗଭୀର ଜଳ ଭିତରକୁ ଗୋଡ ଖସି ଯାଇଥିଲା। ଦଲୁଆ ନାଳ ଭିତରୁ ସେ ବାହାରି ନ ପାରି ପ୍ରାଣ ହରାଇ ଥିଲେ। ଖବରପାଇ କୁଆଖିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାକ୍ସ ସଭ୍ୟଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପାକ୍ସର ସଭାପତି ମୁକୁନ୍ଦଦେବ ମହାନ୍ତି, ସମ୍ପାଦକ ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ପାକ୍ସ ସଭ୍ୟାସଭ୍ୟମାନେ ଚାଷୀଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇଛନ୍ତି।

### ସଡ଼କ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ରତ୍ନଗିରି, ୪।୨(ଡି.ଏନ.ଏ.): ବରୀ କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର କୋରଡ଼ାପିମ୍ପଲ ଛକ ନିକଟରେ ମଙ୍ଗଳବାର ଆଉ ଏକ ଦୁର୍ଘଟଣା ଘଟିଛି। ବରୀ ପଟରୁ ଯାଉଥିବା ଜଣେ ବାଇକ୍ ଆରୋହୀ ବାଲିବିଲ ଗ୍ରାମର ନରହରି ପଢିହାରୀ(୭୫)ଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ନରହରି ଛିଟିକି ପଡ଼ିବା ଯୋଗୁ ତାଙ୍କ ମୁଣ୍ଡ, ଗୋଡ଼ ଓ ଛାତିରେ ଶକ୍ତ ଆଘାତ ଲାଗିଛି। ଦୁର୍ଘଟଣା ଘଟାଇ ବାଇକ୍ ଆରୋହୀ ଜଣକ ଫେରାର ହୋଇଯାଇଛନ୍ତି। ଖବରପାଇ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ନରହରିଙ୍କୁ ବରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବସକୁ ପଛରୁ ପିଟିଲା ଟିପ୍ପର, ୬ ଯାତ୍ରୀ ଆହତ

ଚଣ୍ଡିଖୋଲ, ୪।୨(ଡି.ଏନ୍.ଏ): ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ କଡ଼ାଇ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବସ୍‌କୁ ପଛପଟୁ ଟିପ୍ପର ଧକ୍କା ଦେବାରୁ ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡି ୧୧ଜେ ୯୪୬୦ ନାମକ ମା' ଅମ୍ବିକା ନାମକ ଏକ ଘରୋଇ ବସ୍‌ର ଡ୍ରାଇଭର କଡ଼େଇ ଛକ ନିକଟରେ ଏକ ବାଇକ ଚାଳକକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରିଥିଲେ। ତେବେ ପଛରେ ଆସୁଥିବା ଓଆର ୧୪ ଏନ ୯୨୩୬ ନମ୍ବର ବିଶିଷ୍ଟ ଟିପ୍ପର ନିୟନ୍ତ୍ରଣ ହରାଇ ବସ୍ ପଟେ ପିଟି ହୋଇଥିଲା। ବସ ଭିତରେ ଥିବା ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିବାବେଳେ ୬ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ବଡଚଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ସ୍ଥାନୀୟ ନିଯୁକ୍ତିକୁ ନିୟନ୍ତ୍ରଣ କରୁଛନ୍ତି ରାଜନେତା

ଯାଜପୁର ଅଫିସ,୪।୨

ନବେ ଦଶକରେ ସ୍ଥାନୀୟ ନିଯୁକ୍ତି ଆଶାରେ କଳିଙ୍ଗନଗରବାସୀ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ସ୍ୱାଗତ କରିଥିଲେ। କିନ୍ତୁ ଶିଳ୍ପରେ ନିଯୁକ୍ତିର ବାସ୍ତବ ଚିତ୍ର ଓଲଟା ହୋଇଛି। ସମ୍ପ୍ରତି ସ୍ଥାନୀୟ ନିଯୁକ୍ତି ସମେତ କେତେକ କାରଖାନାରେ ଠିକାକାର୍ଯ୍ୟ, ପରିବହନ ଆଦି ନିର୍ବାଚିତ ଜନ ପ୍ରତିନିଧିଙ୍କ ନିୟନ୍ତ୍ରଣରେ ରହିଛି। ଜିଲାରେ ବିରୋଧୀ ଦଳ ନିଷ୍କ୍ରିୟ ଥିବା ସୁଯୋଗରେ ଏଭଳି ମନମାନି ଅଭିଜ୍ଞତା ତଥା ବୈଷୟିକ ଡିଗ୍ରୀଧାରୀ ଶତାଧିକ ବେକାର ଯୁବତୀଯୁବକଙ୍କୁ ନିରାଶ କରିଛି। ଆଉ ଯେଉଁଥିପାଇଁ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀଙ୍କ ସମେତ ଜିଲାରେ ପ୍ରାୟ ୫୦ହଜାର ଯୁବତୀଯୁବକ ବେକାର ହୋଇ ବସିଛନ୍ତି। ଅପରପକ୍ଷରେ ରାଜ୍ୟ ବାହାର ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ଅଞ୍ଚଳରୁ ହଜାର ହଜାର ଲୋକ ଏଠାରେ ନିଯୁକ୍ତି ପାଇ ବିଳାସମୟ ଜୀବନ ବିତାଉଛନ୍ତି।

ନିଯୁକ୍ତି କୌଣସି କ୍ଷେତ୍ରରେ ଘରୋଇ ଶିଳ୍ପାନୁଷ୍ଠାନଗୁଡ଼ିକ ଉପରେ ଅଙ୍କୁଶ ଲଗାଇ ପାରି ନ ଥିବା ରାଜ୍ୟସରକାର ନିଜର ପାରିବାପଣିଆ ଦେଖାଇବାକୁ ଭୁଲ ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଜିଲାରେ ଗଢି ଉଠିଥିବା ଇସ୍ପାତ କାରଖାନାର ନିଯୁକ୍ତିର ଚିତ୍ରରୁ ଏହା ସ୍ପଷ୍ଟ ଭାବରେ କୁହାଯାଇପାରିବ। ଶ୍ରମ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ କଳିଙ୍ଗନଗରର ସର୍ବବୃହତ ଇସ୍ପାତ କାରଖାନା ଟାଟା ଷ୍ଟିଲରେ ୩୦୦ରୁ ଉର୍ଦ୍ଧ୍ୱ ଠିକାସଂସ୍ଥା ମଧ୍ୟରୁ ପ୍ରାୟ ୨୫୦ଟି ସଂସ୍ଥା ରାଜ୍ୟ ବାହାରର। ସେହି ସଂସ୍ଥାଗୁଡ଼ିକ ଅଧୀନରେ ରାଜ୍ୟ ବାହାରର ପ୍ରାୟ ୩୫୦୦ ଏବଂ ରାଜ୍ୟର ପ୍ରାୟ ୧୦ହଜାର ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଠିକାସଂସ୍ଥାର ଅବଧି ସରିଲେ ଶ୍ରମିକଙ୍କୁ ବାହାର କରି ଦିଆଯାଉଛି। ଏହି ନିଯୁକ୍ତିରେ କୌଣସି ସ୍ଥାୟିତ୍ୱ ନାହିଁ। ଗତ ୩ବର୍ଷ ହେଲା ଜିଲାର ଜାରକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୩ଟି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ କାର୍ଯ୍ୟ ଆରମ୍ଭ କରିଛି। ବାର୍ଷିକ ୧.୨ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମଟେଡ ପ୍ରାୟତଃ ଉତ୍ପାଦନକ୍ଷମ ହୋଇଛି। ନିର୍ମାଣ ସମୟରେ ୭୫ ଜଣ ଏବଂ କମ୍ପାନୀ କାର୍ଯ୍ୟକାରୀ ସମୟରେ ୧୮୫ ଜଣ ନିଯୁକ୍ତି ପାଇବେ ବୋଲି ଏହି କମ୍ପାନୀ ପ୍ରତିଶ୍ରୁତି ଦେଇଛି। ବର୍ଷକୁ ୨.୦ମିଲିୟନ ଟନ୍ ସିମେଣ୍ଟ ଉତ୍ପାଦନ କରୁଥିବା ଇମାମି ସିମେଣ୍ଟ କାରଖାନାରେ ନିର୍ମାଣ ଅବଧି ସମୟରେ ପ୍ରାୟ ୪୫୦ ଜଣ ଓ ୫୮ଜଣ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇବେ ବୋଲି କୁହାଯାଇଥିଲା। ସେହିପରି ଜାରକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଅଞ୍ଚଳରେ ବାର୍ଷିକ ୦.୯ ମିଲିୟନ ଟନ୍ ସିମେଣ୍ଟ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବା ରାମ୍‌କୋ କମ୍ପାନୀରେ ସିଧାସଳଖ ୬୩ଜଣ ଓ ପରୋକ୍ଷ ଭାବେ ୩୦୦ ଜଣ ନିଯୁକ୍ତି ପାଇବେ ବୋଲି ସୂଚିତ କରାଯାଇଛି। ଏହାବାଦ ଯାଜପୁର, ଚେଟିନେଡ, ଜିଏମ୍ ଭଳି ସିମେଣ୍ଟ କାରଖାନା ଅପେକ୍ଷାରେ ରହିଛନ୍ତି। ଏହିସବୁ ସିମେଣ୍ଟ ତଥା ଅନ୍ୟାନ୍ୟ କେତେକ କାରଖାନାରେ ନିଯୁକ୍ତି ପାଇବାକୁ ହେଲେ ନିର୍ବାଚିତ ଜନପ୍ରତିନିଧିଙ୍କ ସୁପାରିଶର ଆବଶ୍ୟକତା ରହିଛି ବୋଲି କେତେକ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏହାସହ ବିଭିନ୍ନ ଠିକା କାର୍ଯ୍ୟ ସମେତ ଅନ୍ୟାନ୍ୟ ବୈଷୟିକ କାର୍ଯ୍ୟରେ ମଧ୍ୟ ଲୋକ ପ୍ରତିନିଧିଙ୍କ ହାତ ରହୁଛି। ବିରୋଧୀ କିମ୍ବା ଅଣ ରାଜନୈତିକ ଲୋକଙ୍କ ପିଲାମାନଙ୍କ ପାଇଁ ଶିଳ୍ପ କାରଖାନାରେ ସ୍ଥାନ ନାହିଁ ବୋଲି ଜିଲାରେ ଚର୍ଚ୍ଚା ହେଉଛି। ଏହାକୁ ପ୍ରତିହତ କରିବାକୁ ବିରୋଧିଙ୍କ ପାଖରେ ମଧ୍ୟ ଦମ୍ଭ ନଥିଲା ଭଳି ଜଣାପଡୁଛି। ବିଧାନସଭାଠାରୁ ଆରମ୍ଭ କରି ବିଭିନ୍ନ ସଭାସମିତିରେ କିନ୍ତୁ ନେତାମାନେ ନିଯୁକ୍ତି କ୍ଷେତ୍ରରେ କଳିଙ୍ଗନଗରର ସଫଳତା ବଖାଣୁଥିବାବେଳେ ବାସ୍ତବତା ବହୁ ଦୂରରେ ବୋଲି ମତପ୍ରକାଶ ପାଉଛି। ଏହାବାଦ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ନିଯୁକ୍ତି ଉପରେ କୌଣସି ତଦନ୍ତ ମଧ ହୋଇ ପାରିନାହିଁ। ଶିଳ୍ପାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ଉପରେ ରାଜ୍ୟ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନେ ଯୋଗାଇଥିବା ତଥ୍ୟକୁ ଯାଞ୍ଚ କରିବା ପାଇଁ ଶ୍ରମ ଓ ନିୟୋଜନ ବିଭାଗକୁ ଅନୁମତି ଦିଅନ୍ତି ନାହିଁ। ଓପନ ମାର୍କେଟରୁ ନିଯୁକ୍ତି ନାମରେ ଶିଳ୍ପାନୁଷ୍ଠାନଗୁଡିକ ମନୋମୁଖୀ କାରବାର ଚଳାଇଥିବାବେଳେ ଯାଜପୁର ଜିଲାରେ ଉପରୋକ୍ତ ଶିଳ୍ପାନୁଷ୍ଠାନ ସମେତ କୌଣସି ଶିଳ୍ପାନୁଷ୍ଠାନ ନିଯୁକ୍ତି ପାଇଁ ଏମ୍ପ୍ଲୋୟମେଣ୍ଟ ଏକ୍ସଚେଞ୍ଜରୁ ନାମ ମାଗନ୍ତି ନାହିଁ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଦେବାକୁ ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଉଛି। ତେବେ ଜନ ପ୍ରତିନିଧିଙ୍କ ନିୟନ୍ତ୍ରଣରେ ନିଯୁକ୍ତି ରହିଥିବା ଭଳି କୌଣସି ଅଭିଯୋଗ ସେ ଏଯାଏ ପାଇ ନାହାନ୍ତି ବୋଲି ମିଶ୍ର କହିଛନ୍ତି।

### କଳିଙ୍ଗନଗର, ଜାରକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ



- ଅଭିଜ୍ଞତା, ଶିକ୍ଷାଗତ ଯୋଗ୍ୟତାକୁ ଅଣଦେଖା
- ବିରୋଧୀ ହୋଇଥିଲେ ବେକାର

## ଆନ୍ତଃ କ୍ଲବ କ୍ରିକେଟ: ଏସିଏ ବାରଗାଡ଼ିଆ ବିଜୟୀ

ଧର୍ମଶାଳା,୪।୨(ଡି.ଏନ୍.ଏ.)

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଆଜି ମ୍ୟାଚରେ ବିଏମ୍‌ସିସି ଗୋଲକୁଣ୍ଡକୁ ୨୭୧ ରନରେ ପରାସ୍ତ କରି ଏସିଏ ବାରଗାଡିଆ ଟିମ୍ ବିଜୟୀ ହୋଇଛି। ପ୍ରଥମେ ବାରଗାଡ଼ିଆ ଟିମ୍ ବ୍ୟାଟିଂ କରି ୪୭.୪ ଓଭରରେ ସମସ୍ତ ୱିକେଟ ହରାଇ ୩୫୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟପ୍ରିୟ ଜେନା ୬୫ ଓ ଶୁଭକାନ୍ତ ମଲିକ ୫୯ ରନ କରିଥିଲେ। ଜବାବରେ ଗୋଲକୁଣ୍ଡ ଟିମ୍ ୨୨.୧ ଓଭରରେ ସମସ୍ତ ୱିକେଟ ହରାଇ ୮୫ ରନ କରି ପରାସ୍ତ ହୋଇଥିଲା। ବାରଗାଡିଆ ପକ୍ଷରୁ ପୁଷ୍ପଜିତ ପାତ୍ର ୫ଟି ଓ ସୌମ୍ୟରଞ୍ଜନ ଦାସ ୨ଟି ୱିକେଟ ନେଇଥିଲେ। ଖେଳକୁ ଦିଲୀପ ସାମଲ ଓ ସୁବ୍ରତ ଜେନା ପରିଚାଳନା କରିଥିବାବେଳେ ଜିତେନ୍ଦ୍ର କୁମାର ସେନାପତି ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ବୁଧବାର କେଏନ୍‌ଏସ୍ ଯାଜପୁରରୋଡ ସହିତ ଏମ୍‌ସିସି ଯାଜପୁର ଟାଉନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ମେଧା ଅନ୍ୱେଷଣ ପ୍ରତିଯୋଗିତା

ରତ୍ନଗିରି, ୪।୨(ଡି.ଏନ.ଏ.)

ରାଜାତୋଟା ଯୁବକ ସଂଘର ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ମଣ୍ଡଳସ୍ତରୀୟ ମେଧା ଅନ୍ୱେଷଣ ପ୍ରତିଯୋଗିତା ତଥା ସୃଜନଶୀଳତା କାର୍ଯ୍ୟକ୍ରମ ସଂଘ ପରିସରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକର ପ୍ରାୟ ୩୦ଟି ବିଦ୍ୟାଳୟରୁ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦେବ ପ୍ରସାଦ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ତଥା ସମାଜସେବୀ ବୃନ୍ଦାବନ ସାମଲ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଯୋଗେନ୍ଦ୍ର ଜେନା ଯୋଗଦେଇ ଶିକ୍ଷା, ଶିକ୍ଷକ ଏବଂ ପ୍ରଚଳିତ ଶିକ୍ଷାୟତନ ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରମାନେ ଗଣିତ, ଇଂରାଜୀ, ସାଧରଣଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ, ସଂଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବକ ସଂଘର ସଭାପତି ତାରିଣୀ ପ୍ରସାଦ ସାମଲ, ସମ୍ପାଦକ ଆଲୋକ ରଞ୍ଜନ ସାମଲ, କୋରଡାପିପଲ ନିମ୍ନ ମୌଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ପାଢୀ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ଶିକ୍ଷକ ପ୍ରଦୀପ୍ତ କୁମାର ସାମଲ, ରଞ୍ଜନ କୁମାର ସାମଲ, ନିକୁଞ୍ଜ ବିହାରୀ ସାମଲ, ହୃଦାନନ୍ଦ ପାତ୍ର ଏବଂ ଯୁବକ ସଂଘର ସଦସ୍ୟ ତଥା କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ ମୁଖ୍ୟଅତିଥି କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଜଣେ ମେଧାବୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ନାବାଳିକା ଉଦ୍ଧାର ଅଭିଯୁକ୍ତ ଗିରଫ

ଧର୍ମଶାଳା,୪।୨(ଡିଏନ୍ଏ)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ଗ୍ରାମର ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଛାଖଣ୍ଡି ଗ୍ରାମର ଦିଲୀପ ଖଟୁଆ (୨୧) ସେହି ଗ୍ରାମର ଜଣେ ନାବାଳିକାଙ୍କୁ ଗତମାସ ୪ ତାରିଖରେ ଅପହରଣ କରିନେଇଥିବା ନାବାଳିକାର ପିତା ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଜେନାପୁର ପୋଲିସ ୪/୨୦ରେ ଏକ କେସ୍ ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ପୋଲିସ ଦିଲ୍ଲୀପଙ୍କୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ମଙ୍ଗଳବାର ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ନାବାଳିକାକୁ ଯାଜପୁର ରୋଡ ସୁଧାର ଗୃହରେ ରଖାଯାଇଥିବା ବେଳେ ଅଭିଯୁକ୍ତ ଦିଲୀପକୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି।

## ବିଦଗ୍ଧ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉଦ୍‌ଯାପିତ



ଅତିଥିମାନେ ମାସିକ ପତ୍ରିକା 'ରତ୍ନଗିରି'କୁ ଉନ୍ମୋଚନ କରୁଛନ୍ତି।

ରତ୍ନଗିରି, ୪।୨(ଡି.ଏନ.ଏ.)

ବରୀ ବ୍ଲକ୍ ଅନ୍ତର୍ଗତ ବାଲିଆଠାରେ ଅଭିମନ୍ୟୁ ସାହିତ୍ୟ ପରିଷଦ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୦ତମ ରାଜ୍ୟସ୍ତରୀରୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସାହିତ୍ୟ ପରିଷଦର ସଭାପତି ଦେବ ପ୍ରସାଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବିଦଗ୍ଧ କବିଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ବରୀ ମାଉଣ୍ଡଠାରେ ସ୍ଥାପନ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରବଚକ କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ରବୀନ୍ଦ୍ର ବିହାରୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧିର କୁମାର ରାଉତ, ବିଦଗ୍ଧ ବିହାରର ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଅଜୟ କୁମାର ଜେନାଙ୍କ ସମ୍ପାଦନାରେ ପ୍ରକାଶିତ ମାସିକ ସମ୍ବାଦପତ୍ର 'ରତ୍ନଗିରି' ଓ କବି ନିର୍ମାଳ କୁମାର ଗିରିଙ୍କ ଶିଶୁ କବିତା ସଂକଳନ 'ଏଇ ମାଟି ଆମ ମାଆ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରିଷଦର ସମ୍ପାଦିକା ବିଶ୍ୱ ବନ୍ଦିତା ଦାସ ସମ୍ପଦକୀୟ ବିବରଣୀ ପାଠ କରିଥିବାବେଳେ ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ରସୁଲପୁର,୪।୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତୀର ନିକଟରେ ସୋମବାର ରାତିରେ ଏକ ଦୁର୍ଘଟଣାରେ ଅନୁଗୋଳ ଜିଲା ହଣ୍ଡପା ଥାନା ଅନ୍ତର୍ଗତ ଗରୁଡ ଗ୍ରାମର ବୁବୁନା ସାହୁ(୨୪)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ବୁବୁନା ଏକ ଟିଭିଏସ୍ ଆପାଚି ବାଇକ୍ ନଂ-ରେ ସେ ଯାଜପୁର ରୋଡକୁ ଫେରୁଥିବାବେଳେ ମାଣତୀର ଗ୍ରାମର ନିକଟରେ ତାଙ୍କ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ବୁବୁନାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ଖବର ପାଇ ୧୦୮ ଆମ୍ବୁଲାନ୍ସରେ ସ୍ଥାନୀୟ ଲୋକେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଗଜେନ୍ଦ୍ରପୁରରେ ନାଟକ ଉତ୍ସବ

ଚଣ୍ଡିଖୋଲ,୪।୨(ଡି.ଏନ୍.ଏ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁରଠାରେ ସୋମବାରଠାରୁ ଦୁଇ ଦିନ ବ୍ୟାପି ନାଟକ ଉତ୍ସବ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳର ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ଉତ୍ସବରେ ଦୁଇଟି ନାଟକ ପରିବେଷଣ କରାଯାଇଛି। ବୀଣାପାଣି ପୂଜା କମିଟି ଆନୁକୁଲ୍ୟରେ ବଟ ମହାପୁରୁଷ ଡ୍ରାମାଟିକ୍ କ୍ଲବ ତରଫରୁ ଦୁଇଟି ନାଟକ ପରିବେଷଣ କରାଯାଇଥିଲା। 'ଏମିତି ଭୁଲ କେବେ ହେବନି' ଓ 'ଅଲକ୍ଷଣୀ' ନାଟକ ଦୁଇଟିକୁ ଗ୍ରାମାଞ୍ଚଳର ଯୁବ ପ୍ରତିଭାମାନେ ପରିବେଷଣ କରିଥିଲେ। ଏହାକୁ ନିର୍ଦ୍ଦେଶନା ଦେଇଥିଲେ ରଞ୍ଜନ କୁମାର କର। ଏହି ଅବସରରେ ଅଶୋକ କୁମାର ଶାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ର ମୁଖ୍ୟଅତିଥି, ମାହାଙ୍ଗା ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦ ସଭାପତି ଭକ୍ତ ଚରଣ ସାହୁ ମୁଖ୍ୟବକ୍ତା, ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ଶାନ୍ତି, ଖବରଦାତା ବିରେନ୍ଦ୍ର ନାୟକ ଓ ନବ ନିର୍ମାଣ କୃଷକ ସଂଗଠନର ରାଜ୍ଯ ସଂହ ସଂଯୋଜକ ନିମାଇ ଚରଣ ରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

PARADIP PORT TRUST
e-Tender Call Notice
Name of the work : Upkeeping of Railway Yard outside Harbour area (From Eco. Rly. Boundary to Bauriapalanda Level Crossing) for the year 2020-21. Estimated cost : ₹ 93,18,435. Last date and time of submission : 22.02.2020 up to 17.00 hrs. Refer our website for details : https://eprocure.gov.in/eprocure/app
Executive Engineer
PRD, PPT
PPT/PR/648/19-20 Dt :04.02.2020

PARADIP PORT TRUST
e-TENDER CALL NOTICE
Name of the work : "Upkeeping of ADB Railway Yard (From PPL Level Crossing to ATBK Level Crossing) for the year 2020-21". Estimated cost : Rs.73,41,645/-. Last date & time of submission : Dt.22/02/2020 upto 17:00 Hrs. Refer our website for details :
https://eprocure.gov.in/eprocure/app
Executive Engineer (PRD)
PPT/PR/644/19-20 Dt-04.02.2020

## ଯାଜପୁରରୋଡ-ଧାମରା ରେଳପଥ ନିର୍ମାଣ ଦାବି



ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଅଫିସ,୪।୨

### ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ସମ୍ପ୍ରତି ପାର୍ଲାମେଣ୍ଟରେ ୨୦୨୦-୨୧ ପାଇଁ ଆଗତ ବଜେଟରେ ଯାଜପୁରରୋଡ-ଧାମରା(ଭାୟା ଯାଜପୁର ଟାଉନ ଓ ଆରଡି) ରେଳପଥ ନିର୍ମାଣ ପାଇଁ ଘୋଷଣା କରାଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ବଜେଟରେ ସଂଶୋଧନ ଆଣି ଏହି ରେଳପଥ ନିର୍ମାଣକୁ ସେଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ସମିତିର ଆବାହକ ସନ୍ତୋଷ ଦାସ, ବ୍ୟାସନଗର ପୌର ପରିଷଦର ପୂର୍ବତନ କାଉନସିଲର ପ୍ରଫୁଲ୍ଲ ନାୟକ, ଆଡ୍‌ଭୋକେଟ ସତ୍ୟପ୍ରକାଶ ବେଉରିଆ, ଦିଗାମ୍ବର ସାହୁ, ରଜତ ପତି, କାମାକ୍ଷା ପ୍ରସାଦ ନାୟକ, ଅରମାନ କୁମାର ଜେନା, କ୍ଷୀରସିନ୍ଧୁ ମେହେର, ଅଭିମନ୍ୟୁ ବେହେରା, ଅବିନାଶ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ। ୨୦୧୨-୧୩ ରେଳବଜେଟରେ ନିଷ୍ପତ୍ତିକ୍ରମେ ଯାଜପୁରରୋଡ-ଧାମରା ରେଳପଥର ନିର୍ମାଣ ପାଇଁ ପୂର୍ବତନ ରେଳପଥ ପକ୍ଷରୁ ଏହାର ସର୍ଭେ କରାଯାଇଥିଲା। ୨୦୧୫ ଏପ୍ରିଲରୁ ଏହା ରେଳବାଇ ବୋର୍ଡ ପାଖକୁ ପ୍ରେରଣ କରାଯାଇଥିଲେ ମଧ ଦୁର୍ଭାଗ୍ୟଜନକ ଭାବେ ଏହି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇନାହିଁ। କେନ୍ଦ୍ର ବଜେଟରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ତେଣୁ ବଜେଟରେ ବ୍ୟୟବରାଦ ସମେତ ନିତି ଆୟୋଗ ଓ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତୀୟ ମନ୍ତ୍ରୀମଣ୍ଡଳ କମିଟୀ(ସିସିଇଏ)ର ଅନୁମୋଦନ ପାଇଁ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଏହି ୯୨ କିମି ଦୀର୍ଘ ରେଳପଥ ନିର୍ମାଣ ହେଲେ କଳିଙ୍ଗନଗର ଶିଳ୍ପନଗରୀ ସହ ଅତ୍ୟାଧୁନିକ ଧାମରା ବନ୍ଦର ସଂଯୁକ୍ତ ହୋଇ ପାରିବ। ଏହାବାଦ ସ୍ମାରକପତ୍ରରେ ଯାଜପୁରରୋଡରେ ଏକ ରେଳଡିଭିଜନ ପ୍ରତିଷ୍ଠା ଓ ଫ୍ଲାଏଓଭର ନିର୍ମାଣ ପାଇଁ ଦାବି ହୋଇଛି।

REGIONAL PASSPORT OFFICE, BHUBANESWAR
TENDER NOTICE

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की आपूर्ति के लिए बोलियां आमंत्रित की जा रही है, जिनके विवरण निम्नानुसार है:-

Regional Passport Office, Bhubaneswar is inviting the tender for hiring of car, details of which are as follows:

| क्रमांक Sl. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid submission End Date | Tender ID |
|---|---|---|---|---|
| 1 | किराये पर कार (निविदा दस्तावेज में विवरण) Hiring of Car (Details in Tender Document) | 05.02.2020 | 26.02.2020 | 2020_MEA_541258_1 |

उपरोक्त वर्णित निविदा आईडी का उपयोग करके, निविदा दस्तावेज www.eprocure.gov.in से डाउनलोड किया जा सकता है।

Tender document may be downloaded from website www.eprocure.gov.in using tender id mentioned above.

Regional Passport Officer, Bhubaneswar

## ସଂକ୍ଷେପରେ

### କନଷ୍ଟେବଲ ଦମ୍ପତିଙ୍କ ବଦଳି

■ ମହଙ୍ଗା ପଡ଼ିଲା ମାଗଣା କାକୁଡ଼ି, ଲଙ୍କା

କେନ୍ଦ୍ରାପଡା ଅଫିସ, ୪।୨: କଥାରେ ଅଛି ଚାକିରି କରିବ ପୋଲିସି, ମାଛ ଖାଇବ ଇଲିସି। ହେଲେ ଏହି କଥା କେନ୍ଦ୍ରପଡା ସଦର ଥାନାର କନେଷ୍ଟବଳ ଦମ୍ପତ୍ତିଙ୍କୁ ମହଙ୍ଗା ପଡ଼ିଛି। ଏହି ଦମ୍ପତ୍ତି ସହରର ଗରାପୁରଠାରେ କାକୁଡ଼ି ଓ କଞ୍ଚା ଲଙ୍କା କିଣିଥିଲେ। ଯାହାର ମୂଲ୍ୟ ୧୧ ଟଙ୍କା। ତେବେ ପୁରୁଷ କନେଷ୍ଟବଳ ଏହି ମୂଲ୍ୟ ନ ଦେବା ପାଇଁ ପ୍ରଥମେ କହିଥିବା ପରେ ବ୍ୟବସାୟୀ ସହିତ ପାଟିଗୋଳ ହୋଇଥିଲା। ପରେ କାକୁଡି ଓ କଞ୍ଚାଲଙ୍କା ବାବଦ ୫ଟଙ୍କା ବ୍ୟବସାୟୀକୁ ଫୋପାଡି ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ପିସିଆର ଭ୍ୟାନ୍ ଆସି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଥାନାକୁ ଉଠାଇ ନେଇଥିଲା। ଏହି ଘଟଣା ଆଲୋଚନା ପରେ ଜିଲା ପୋଲିସକୁ ୫-ଟି ଓ ମୋ ସରକାର ଭୟ ଘାରିଥିଲା। କିଛି ସମୟ ରଖିବା ପରେ ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନେଇ ଗରାପୁରଠାରେ ଛାଡ଼ି ଆସିଥିଲେ। ଏହି ଘଟଣା ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଖବର ପହଞ୍ଚିବା ପରେ ଜିଲା ପୋଲିସ ହଟହଟା ହେବା ପୂର୍ବରୁ ସମ୍ପୃକ୍ତ କନେଷ୍ଟବଳ ଦମ୍ପତ୍ତିଙ୍କୁ ମଙ୍ଗଳବାର ରାଜନଗର ଥାନାକୁ ବଦଳି କରିଦିଆଯାଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ଡେରାବିଶ,୪।୨- (ସ୍ୱ.ପ୍ର.):ଡେରାବିଶ୍ ବ୍ଲକ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକ ଗୁରୁତର ହୋଇଥିବା ବେଳେ ଅଟୋ ଚାଳକ ଆହତ ହୋଇଛନ୍ତି। ବାଇକ ଚାଳକ ଜଣକ ହେଲେ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜି ଗ୍ରାମର ରଘୁନାଥ ଯେନା(୫୨)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ଦୁର୍ଘଟଣାରେ ବଡସଲାରୋ ଗ୍ରାମର ଶିଶିର ପରିଡା (୫୬) ଆହତ ହୋଇଛନ୍ତି। ଚାନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ରଘୁନାଥ ଏକ ରଘୁନାଥ ଏକ ବାଇକ୍‌ରେ ଯାଉଥିବା ବେଳେ ଏକ ଅଟୋ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ବାଇକ୍ ଆଗରେ ସ୍କୁଟି ଚଲାଇଯାଉଥିବା ଶିଶିରଙ୍କ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଅଟୋଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

### ପଦନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆଳି,୪।୨(ଡି.ଏନ.ଏ):** ଆଳି ବ୍ଲକ ମେଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ପଦନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ମିର୍ଜା ଆଲିମ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିଏମ ସେନାପତି, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ ଓ ସମ୍ମାନିତଅତିଥି ସିଆର୍‌ସିସି ଅକ୍ଷୟ ଜେନା, ପ୍ରିୟରଞ୍ଜନ ରାଉତରାୟ, ପଦନପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶେଖ ଆବୁ କାସିମ, ବିପ୍ଳବ ସାମଲ, ଦଶରଥ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଅର୍ଚ୍ଚନା ସାହୁ, ସେଖ ଆବୁ ନସିର, ଶେଖ ଏହସାନ, ନାଜିର ହୋସେନ ଓ ଆବୁ ସଲାମ ଖାଁ ପ୍ରମୁଖ ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ମାତୃଯଜ୍ଞ

**ଆଳି,୪।୨ (ଡି.ଏନ୍.ଏ.):** ଆଳି ବ୍ଲକ ଦଣ୍ଡିପୁର ପଞ୍ଚାୟତ ଅନ୍ତର୍ଗତ ଖରିଅଣ୍ଟା ଗ୍ରାମସ୍ଥିତ ମା'ଜଞ୍ଜାଳି ମନ୍ଦିର ପ୍ରାଙ୍ଗଣରେ ୨୫ତମ ବିଶ୍ୱଶାନ୍ତି ମାତୃଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ କାର୍ଯ୍ୟରେ ଶୁଭାଧିବାସ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋ-ପୂଜା, ଆହୁତି ପ୍ରଦାନ ଆଦି କାର୍ଯ୍ୟ ଆୟୋଜନ ହୋଇଥିଲା। ମଙ୍ଗଳବାର ମା'ଙ୍କ ବଡସିଂହାର ବେଶପରେ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ଅକ୍ଷୟ କୁମାର ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହା ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା।



# ପ୍ରସ୍ତୁତି କାର୍ଯ୍ୟର ସ୍ଥିତି ପରଖିଲେ ଜିଲାପାଳ

ରାଜନଗର, ୪।୨ (ଡି.ଏନ୍.ଏ.)

ଆସନ୍ତା ୭ ତାରିଖରୁ ରାଜନଗର-ଭିତରକନିକା ମୁଖ୍ୟରାସ୍ତା ପାର୍ଶ୍ୱ ନଳିତାପାଟିଆଠାରେ ପ୍ରଥମ କରି ଭିତରକନିକା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଏହି ୩ ଦିନିଆ ମହୋତ୍ସବ ଆୟୋଜନ କରାଯାଉଛି। ଏ ନେଇ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳ ମହୋତ୍ସବ ପଡ଼ିଆଠାରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏଥିସହ ମହୋତ୍ସବକୁ କିପରି ସରସ ସୁନ୍ଦର କରିହେବ ଓ ଗମନାଗମନ ସୁବିଧା ନିମନ୍ତେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ



ଜିଲାପାଳ ସମର୍ଥ ବର୍ମା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

## ୭ରୁ ଭିତରକନିକା ମହୋତ୍ସବ

ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ପୂର୍ବାହ୍ନ ୧୦ଟା ସମୟରେ ଜିଲାପାଳ ବର୍ମା ରାଜନଗରରେ ପହଞ୍ଚି ହଂସୁଆ ନଦୀତଟରେ ନିର୍ମାଣାଧୀନ ବିଜୁ ଶିଶୁ ଉଦ୍ୟାନ କାର୍ଯ୍ୟ ତଦାରଖ କରିଥିଲେ। ଏହାପରେ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଡାଙ୍ଗମାଳ ପଞ୍ଚାୟତଠାରେ ନିର୍ମାଣ କରାଯାଉଥିବା ପାର୍କ କାର୍ଯ୍ୟକୁ ଅନୁଧ୍ୟାନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାପାଳ ବର୍ମାଙ୍କ ଏହି ଗସ୍ତ ସମୟରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ତହସିଲଦାର ଦିବ୍ୟେନ୍ଦୁ କୁମାର ଦାସ, ବିଡିଓ ମନ୍ଦରଧର ମହାଲିକ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଜଳଧର ବେହେରା, କନିଷ୍ଠଯନ୍ତ୍ରୀ ଦେବରଞ୍ଜନ ବେହେରା, ପ୍ରଭାତ କୁମାର ମାଝି, ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ୩ ଦିନିଆ ଏହି ମହୋତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା ସହ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ହାତ ତିଆରି ବିଭିନ୍ନ ସାମଗ୍ରୀ ବିକ୍ରି ପାଇଁ ଷ୍ଟଲ୍ କରାଯିବ।

# ଗୋଚର ଜମିରେ ଘର ପ୍ରସ୍ତାବକୁ ବିରୋଧ

କେନ୍ଦ୍ରାପଡା ଅଫିସ, ୪।୨

କେନ୍ଦ୍ରାପଡ଼ା ତହସିଲ ଅଧୀନ ଓଡ଼ିଶୋ ମୌଜାର ଗୋଚର ଜମିରେ ପୌର ପରିଷଦର କେତେଜଣ ହିତାଧିକାରୀଙ୍କ ଘର ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଛି। ମାତ୍ର ଏହି ମୌଜାର ଅଧିବାସୀମାନେ ଏହାର ବିରୋଧ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ମଙ୍ଗଳବାର ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ପୌରପାଳିକା ଓ କେନ୍ଦ୍ରାପଡ଼ା ତହସିଲର ଏହି ଉଦ୍ୟମକୁ ବନ୍ଦ ପାଇଁ ନିବେଦନ କରଛନ୍ତି। ଏଥିସହିତ ପ୍ରସ୍ତାବ ଖାରଜ ନ ହେଲେ ଆନ୍ଦୋଳନ ହେବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଓଡିଶୋ ଗ୍ରାମର ଚକ୍ରଧର ଦାସ କହିଛନ୍ତି ଯେ, ଓଡ଼ିଶୋ ସମେତ ଗଉଡ଼ଗୋପ, ମୀରପାଟଣା, ବଡ଼ହାଟ, ଚାଟରାପାଟଣା ଓ କାକଟ ଗ୍ରାମବାସୀ ସେହି ଗୋଚରକୁ ବିଭିନ୍ନ କାର୍ଯ୍ୟରେ ଉପଯୋଗ କରୁଛନ୍ତି। ଏହାକୁ ଗ୍ରାମ୍ୟ ପଶୁ ସମ୍ପଦ ଚାରଣ ଭୂମି ଭାବେ ବ୍ୟବହାର କରାଯାଉଥିବା ବେଳେ ସଂଲଗ୍ନ ଶଶ୍ମାନରେ ଶବ ସତ୍କାର କାର୍ଯ୍ୟ କରାଯାଉଛି। ତେଣୁ ଏଠାରେ ଗୃହ ନିର୍ମାଣ ହେଲେ ସ୍ଥାନୀୟ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି ହେବ। ଏଥିପାଇଁ ସମ୍ପୃକ୍ତ ଚିହ୍ନଟ ଗୋଚର ଜମିକୁ ଗୃହ ନିର୍ମାଣରୁ ବାଦ ଦିଆଯିବାକୁ ଦାବି କରାଯାଇଥିବା ଚକ୍ରଧର କହିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଆଖପାଖ ଅଞ୍ଚଳର ସୁରେନ୍ଦ୍ରନାଥ ଦାସ, ନବଘନ ସେଠୀ, କାହ୍ନୁଚରଣ ଦାସଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ।

# ହୃଦାନନ୍ଦ ଜେନାଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ଡେରାବିଶ,୪।୨(ସ୍ୱ.ପ୍ର.)

ସ୍ୱର୍ଗତ ହୃଦାନନ୍ଦ ଜେନାଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକ ଉତ୍ସବ ମଙ୍ଗଳବାର ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଛୋଟି ପଞ୍ଚାୟତସ୍ଥିତ ରାମଚଣ୍ଡୀ ଶିକ୍ଷା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ – ହୃଦାନନ୍ଦ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଟ୍ରଷ୍ଟ ସଭାପତି ତଥା ସ୍ୱର୍ଗତ ଜେନାଙ୍କ ଜ୍ୟୋଷ୍ଠ ପୁତ୍ର ଡ. ନୀଳମାଧବ ରଥ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ମୁଖ୍ୟବକ୍ତା ଡେରାବିଶ ସହ ଶିକ୍ଷାଧିକାରୀ ନରହରୀ ସୂତାର ଓ ସମ୍ମାନିତ ଅତିଥି ଶିକ୍ଷା ନିକେତନ ପ୍ରଧାନ ଶିକ୍ଷକ ସତ୍ୟରାମ ବାରିକ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ବଳିଷ୍ଠ ଜୀବନାଦର୍ଶ ଉପରେ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱର୍ଗତ ଜେନାଙ୍କ କନିଷ୍ଠ ପୁତ୍ର ରାଧାମାଧବ ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କୃତି ଛାତୀଛାତ୍ରଙ୍କୁ ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଏଥିସହ ରାମଚଣ୍ଡି ବିଦ୍ୟା ନିକେତନର ପ୍ରାକ୍ତନ ହିନ୍ଦି ଶିକ୍ଷକ ହୃଷୀକେଶ ମାଟିଆ ମିଶ୍ର, ସାମାଜିକ କର୍ମୀ ଜେନାମଣୀ ବଳ ଓ କ୍ରିକେଟିୟର ଖୁରସିଦ୍ ଆଲମ୍ ଖାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଶିକ୍ଷାବିତ୍ ଶୈଳଜାଶ ସାମଲ ମଞ୍ଚ ସଂଯୋଜନା କରିଥିବା ବେଳେ ଛୋଟି ପଞ୍ଚାୟତର ସରପଞ୍ଚ କୁମାର ଚନ୍ଦ୍ର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ତ୍ରୀଲୋଚନ ମଲିକ ପୁରସ୍କାର ଉତ୍ସବ ପରିଚାଳନା ଏବଂ ସିଆର୍‌ସିସି ପ୍ରଦୀପ ବଳ ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

ଡେରାବିଶ,୪।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଓରଗଳା (ପଥରପଡ଼ା) ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୫ ବଖରା ଜଳିଯାଇଛି। ଏଥିରେ ଗ୍ରାମର ଗୁରୁଚରଣ ବେହେରା, ଖଗେଶ୍ୱର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ଓ କଳ୍ପତରୁ ବେହେରାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ସେମାନଙ୍କ ସମସ୍ତ ଆସବାବପତ୍ର ସମେତ ବର୍ଷକର ଧାନ ଚାଉଳ ଜଳିଯାଇଛି। କୌଣସି କାରଣରୁ ପ୍ରଥମେ ଗୁରୁଚରଣଙ୍କ ପରିବାରରେ ନିଆଁଲାଗି ଅନ୍ୟଆଡ଼େ ବ୍ୟାପିଯାଇଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ଓ ଡେରାବିଶ ଅଗ୍ନିଶମ ସେବାସଂସ୍ଥାର ୨ ଲେଖାଏ ଦମକଳ ଗାଡି ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସୁଧାଂଶୁ ଶେଖର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ବିପନ୍ନ ପରିବାରଗୁଡିକୁ ପାଲ ଯୋଗାଇ ଦେଇଛନ୍ତି । ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ, ପୂର୍ବତନ ସମିତିସଭ୍ୟ କୈଳାସ କର, ବିଜେଡ଼ି ସଭାପତି ଦେବରାଜ ମହାପାତ୍ର ସେଠାରେ ପହଞ୍ଚି ବିପନ୍ନଙ୍କୁ ସମବେଦନା ଜଣାଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ବଡ଼ାମ୍ବିଳା ଚାମ୍ପିୟନ



ଟ୍ରଫି ସହ ବିଜେତା ଦଳର ଖେଳାଳି ଓ ଅତିଥିମାନେ।

ଆଳି,୪।୨(ଡି.ଏନ୍.ଏ.)

ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ଖେଳ ପଡ଼ିଆରେ ଚାଲିଥିବା ୨ୟ ସୌମ୍ୟରଞ୍ଜନ ମହି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବଡ଼ମ୍ବିଳା ଚାମ୍ପିୟନ ହୋଇଛି। ବିଣାପାଣୀ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ବଡ଼ାମ୍ବିଳା କ୍ରିକେଟ କ୍ଲବ ଓ କୋଚିଳା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋଚିଳା ପ୍ରଥମେ ଟସ ଜିତି ସମସ୍ତ ଉଇକେଟ ବିନିମୟରେ ମାତ୍ର ୪୬ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ବିଣାପାଣୀ ୬ ଓଭରରେ ୭ ଉଇକେଟ୍ ହରାଇ ୪୭ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡାମ୍ବିଳା ସରପଞ୍ଚ ଭରତ ଚରଣ ସେଠୀ ଓ ମୁଖ୍ୟବକ୍ତା ନମୌଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ ଦାସ ଯୋଗଦେଇଥିଲେ। ବଡ଼ାମ୍ବିଳା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତଅତିଥି ଭାବେ ବିଜୟ ମହି ଓ ରବୀନ୍ଦ୍ର ପରିଡା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ରନସ୍ ଅପ୍ ଟ୍ରଫି ସମେତ ଉଭୟ ଦଳକୁ ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟକୁ ସୌମ୍ୟରଞ୍ଜନ ବିଶ୍ୱାଳ, ଦେବବ୍ରତ ମହାନ୍ତି, ପ୍ରଭାତ ମହାନ୍ତି, ସଚିନ ବେହେରା, ଅନିରୁଦ୍ଧ ବେହେରା, ବିପ୍ଳବ ସ୍ୱାଇଁ ଓ ଦେବାଶିଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୫୫ ୟୁନିଟ୍ ରକ୍ତ ସଂଗୃହୀତ

ମାର୍ଶାଘାଇ, ୪।୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅଧୀନ ରାଘବପୁର ପଞ୍ଚାୟତ ରାଘବପୁର ଗ୍ରାମସ୍ଥିତ ଇଷାନେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ରକ୍ତ ଭଣ୍ଡାର ସହଯୋଗରେ ଆୟୋଜିତ ଏହି ଶିବିରରେ ସମ୍ମାନନୀୟ ଅତିଥିଭାବେ ଶିକ୍ଷକ ପ୍ରଶାନ୍ତ କୁମାର ଗୁରୁ, ଶିଶିର କୁମାର ପଣ୍ଡା, କୈଳାସ ଚନ୍ଦ୍ର ଗୁରୁ ଯୋଗ ଦେଇ ଶିବିରରେ ରକ୍ତଦାତାମାନଙ୍କୁ ଉତ୍ସହିତ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ବ୍ଲଡ ବ୍ୟାଙ୍କ ଟେକନିସିଆନ୍ ରାକେଶ ଗୋଛାୟତ, ଉମାକାନ୍ତ ନାୟକ, ମନୋଜ କୁମାର ଦାସ, କାହ୍ନୁ ଚରଣ ଗୋଛାୟତ ଓ ରଣଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଯୁବକ ସଂଘ ସଦସ୍ୟ ଶୁକେଶ ଗୁରୁ, ବାବାଜୀ ସାହୁ, ଶିଶିର ଗୁରୁ, ଅନୁପ ଗୋଛାୟତ, ସୁଧାକାନ୍ତ ସାହୁ, ପ୍ରସନ୍ନ କୁମାର ସାମନ୍ତରାୟ, ପ୍ରକାଶ ଗୁରୁ, ସଞ୍ଜୟ ସେଠୀ, ନିପନ ସେଠୀ, ସମ୍ବିତ ଗୁରୁ, ସମ୍ମଥ ଗୁରୁ, ଅଶାନ୍ତ ଅବିନାଶ ସାହୁ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୮ରେ ଆନ୍ଦୋଳନ କରିବ ଜିଲା କଂଗ୍ରେସ



ବୈଠକରେ ଜିଲା କଂଗ୍ରେସ କର୍ମୀମାନେ।

କେନ୍ଦ୍ରାପଡା ଅଫିସ, ୪।୨

**ମେଡିକାଲ କଲେଜ ପ୍ରତିଷ୍ଠା, ଚାଷୀଙ୍କ ସମସ୍ୟା ମୁଖ୍ୟ ପ୍ରସଙ୍ଗ**

କେନ୍ଦ୍ରାପଡା ଜିଲା ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ମେଡିକାଲ କଲେଜ ପ୍ରତିଷ୍ଠା ଆବଶ୍ୟକ। ଏହି ଦାବିରେ ଆସନ୍ତା ୧୮ ତାରିଖରେ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ। ସହରର କଜଳାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର ସଭାପତି ସୌମେନ୍ଦ୍ର ପୃଷ୍ଟି, ପ୍ରଫୁଲ୍ଲ ଦାସ, ଶରତ ବେହୁରା, ପ୍ରଶାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ ଜେନା, ଶାରଦା ରାଉତ, ଭାଗୀରଥି ଜେନା ପ୍ରମୁଖ ଯୋଗଦେଇ ଡାକ୍ତର ଅଭାବଜନିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାବାସୀଙ୍କ ପାଇଁ ମେଡିକାଲ କଲେଜ ସହ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୋବରୀ କେନାଲ ଓ ଗୋବରୀ ନଦୀ ପୁନରୁଦ୍ଧାର କରାଯିବା, ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଆଦି ଏହି ଆନ୍ଦୋଳନର ମୁଖ୍ୟ ଦାବି ରହିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ଉଡାନସିଂ, ଜ୍ଞାନରଞ୍ଜନ ମହାନ୍ତି, ବ୍ରହ୍ମାନନ୍ଦ ଭଦ୍ର, ଜ୍ଞାନରଞ୍ଜନ ସାହୁ, ଆଶିଷ ମେକାପ, ଅଜୟ ଦାସ, ବରଦା ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗୁପ୍ତେଶ୍ୱର ଯୁବକ ସଂଘର ବାର୍ଷିକୋତ୍ସବ

ପଚ୍ଚାମୁଣ୍ଡାଇ, ୪।୨ (ସ୍ୱ.ପ୍ର.)

ପଚ୍ଚାମୁଣ୍ଡାଇ ବ୍ଲକ ସଂସାରଫଳସ୍ଥିତ ଗୁପ୍ତେଶ୍ୱର ଯୁବକ ସଂଘର ୩୦ତମ ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାଶ୍ଚାତ୍ୟ ସଭ୍ୟତାକୁ ଗ୍ରହଣ କରି ଯୁବପିଢ଼ି ସଂସ୍କୃତି ପରମ୍ପରାକୁ ଭୁଲି ଯାଉଥିବା ବେଳେ ଭାଇଚାରା ବଜାୟ ରଖିବାକୁ ଗୁପ୍ତେଶ୍ୱର ଯୁବକ ସଂଘ ସଦସ୍ୟ ଉଦ୍ୟମ ଚଳାଇଥିବାରୁ ମୁଖ୍ୟଅତିଥି ସେମାନଙ୍କୁ ପ୍ରଶଂସା କରିଥିଲେ। ସଂଘ ଉପଦେଷ୍ଟା ତଥା ଉତିକଣ ଚାଷୀମୂଳିଆ ସଂଗ୍ରାମ ସମିତି ଆବାହକ ଭାସ୍କର ରାଉତରାୟ ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମିତି ସଭ୍ୟ ଶ୍ରୀକାନ୍ତ ସାହୁ, ଶିକ୍ଷାବିତ୍ ଅମର କୁମାର ଦାଶ, ଯୁବନେତା ବାବୁ ବେହେରା ପ୍ରମୁଖ ଯୋଗଦେଇ ଯୁବକ ସଂଘର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜନଗର ଡିଏଫ୍‌ଓ ବିକାଶ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ରଞ୍ଜନ ଦାଶ ମୁଖ୍ୟଅତିଥି, ପଚ୍ଚାମୁଣ୍ଡାଇ ଆଦର୍ଶ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ରାଜନଗର ବିଡିଓ ମନ୍ଦରଧର ମହାଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଦୋଳଗୋବିନ୍ଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବକ ସଂଘ ଉପସଭାପତି ତ୍ରିଲୋଚନ ଦାସ ଧନ୍ୟବାଦ ଦେଇଥିଲେ। ସଂଘର ବାର୍ଷିକୋତ୍ସବ ଅବସରରେ ଗତ ୩ ଦିନ ଧରି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଳ୍ପୀ ଓ କଣ୍ଠଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବକ ସଂଘ ସମ୍ପାଦକ କୃତ୍ତିବାସ ପ୍ରଧାନ, ବିପିନ୍ କୁମାର ଗାହାଣ, ଗୋବିନ୍ଦ ରାଉତ, ପାର୍ଥ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଧୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ

କେନ୍ଦ୍ରାପଡା ଅଫିସ, ୪।୨

କେନ୍ଦ୍ରାପଡ଼ା ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଓକିଲ ସଂଘ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ଆଇନଜୀବୀ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ତୈଳଚିତ୍ର ଉନ୍ମୋଚନ କରାଯାଇଥିଲା। ସଂଘ ସଭାପତି ଧ୍ରୁବଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଜଜ୍ ବାସୁଦେବ ପଣ୍ଡା, ଏଡିଜେ ମୋହନରାଓ ଦୋରା, ସିଜେଏମ୍ ଜ୍ଞାନରଞ୍ଜନ ପଣ୍ଡା, ଆଡିଶନାଲ ସବଜଜ୍ ଶୋଭନ କାନୁନ୍‌ଗୋ, ଏସଡିଜେଏମ ଦିଗବିଜୟ ଦାସ, ମୁନସଫ ପ୍ରଜ୍ଞା ପୂଜାପ୍ରଦା, ଜେଏମଏଫସି ଶର୍ମିଷ୍ଠା ଜେନା, ସରିତା ପଣ୍ଡା, ଜରିନ ଖାନ, ଜିଲା ଆଇନସେବା ପ୍ରାଧିକରଣ ସଚିବ ମଳୟ ରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ପ୍ରତି ମଧୁବାବଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, ବିଚିତ୍ରାନନ୍ଦ ମହାନ୍ତି, ସରୋଜରାଜ ସିଂହ, ହାଡିବନ୍ଧୁ ବେହେରା, ଧୀରେନ କୁମାର ସାହୁ, ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

କେନ୍ଦ୍ରାପଡ଼ା ଅଫିସ୍, ୪।୨

■ରାମନାୟକଡ଼ିଆ ପ୍ରାଥମିକ ବିଦ୍ୟାଳୟ, ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ମିଶ୍ରଣର ପ୍ରତିବାଦ

■ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ ତରଡ଼ିପାଳ ପଞ୍ଚାୟତବାସୀ

ପଚ୍ଚାମୁଣ୍ଡାଇ ଶିକ୍ଷା ଜିଲା ଅଧୀନ ତରଡ଼ିପାଳ ପଞ୍ଚାୟତ ରାମନାୟକଡ଼ିଆ ପ୍ରାଥମିକ ବିଦ୍ୟାଳୟକୁ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ସହିତ ଶିକ୍ଷା ବିଭାଗ ପକ୍ଷରୁ ମିଶ୍ରଣ କରାଯାଇଛି। ଏହି ମିଶ୍ରଣକୁ ତରଡ଼ିପାଳ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଏଥିପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ପ୍ରତିବାଦ ପତ୍ର ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦୀନେଶ କୁମାର ନାୟକ କହିଛନ୍ତି ଯେ, ଏହି ଦୁଇ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପ୍ରଶାସନର ଏକ ସୁପରିକଳ୍ପିତ ଯୋଜନା। ଏହି ବିଦ୍ୟାଳୟଠାରୁ ମାତ୍ର ୧୦୦ମିଟର ଦୂରରେ ଏକ ଘରୋଇ ବିଦ୍ୟାଳୟକୁ ମଞ୍ଜୁରୀ ଦିଆଯାଇଥିବାରୁ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଉକ୍ତ ଘରୋଇ ବିଦ୍ୟାଳୟକୁ ଚାଲି ଯାଉଛନ୍ତି। ଫଳରେ ଗତ ଶିକ୍ଷାବର୍ଷରେ ଉକ୍ତ ସରକାରୀ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ର ନାମ ଲେଖାଇଥିଲେ।

ଅନ୍ୟପକ୍ଷରେ ଗୋପାଳପୁର ବିଦ୍ୟାଳୟର ଦୂରତା ୧ କି.ମି. ହୋଇଥିବା ବେଳେ ଏହି ରାସ୍ତାରେ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ ଦ୍ରୁତଗତିରେ ଯାତାୟାତ କରୁଛି। ଛୋଟ ଛୋଟ ପିଲାମାନେ ସେହି ରାସ୍ତାରେ ଚାଲି ଚାଲି ସ୍କୁଲକୁ ଯିବା ନିରାପଦ ନୁହେଁ। ଏଥିସହିତ ରାମନାୟକଡ଼ିଆ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷ ପାଇଁ ୨୦ରୁ ଅଧିକ ପିଲା ଥିବାରୁ ବିଦ୍ୟାଳୟ ମିଶ୍ରଣ ସମ୍ପର୍କରେ ପୁନଃବିଚାର କରାଯିବା ଆବଶ୍ୟକ। ତେଣୁ ରାମନାୟକଡ଼ିଆ ପ୍ରାଥମିକ ବିଦ୍ୟାଳୟକୁ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ ନ କରି ପୂର୍ବଭଳି ବିଦ୍ୟାଳୟ ଚାଲିବାକୁ ଅନୁମତି ଦେବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ଅଜାମ୍ବର ନାୟକ, ଶ୍ରୀନାଥ ନାୟକ, ମେଘନାଦ ନାୟକ, ଦେବବ୍ରତ ନାୟକ, ଗଦାଧର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଫେବୃୟାରୀ,୨୦୨୦



# ୮୧ କେନ୍ଦ୍ରରେ ପରୀକ୍ଷା ଦେବେ ୧୫ ହଜାର ଛାତ୍ରୀଛାତ୍ର

**ଜଗତ୍‌ସିଂହପୁର ଅଫିସ୍,୪।୨**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷହେବ। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଚଳିତବର୍ଷ ଜଗତ୍‌ସିଂହପୁର ଜିଲାର ୨୯୪ ଉଚ୍ଚ ବିଦ୍ୟାଳୟରୁ ମୋଟ ୧୫,୩୨୪ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ୮୧ ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୮ ନୋଡାଲ କେନ୍ଦ୍ର କରାଯାଇଛି। ଏଥର ବିଭିନ୍ନ ବିଷୟରେ ଥିବା ଅବ୍‌ଜେକ୍ଟିଭ୍‌ର ଉତ୍ତର ଆଉ ଗୋଲ ବୁଲାଇ ଦେବାକୁ ପଡିବ ନାହିଁ। ସବୁ ସବ୍‌ଜେକ୍ଟିଭ୍ ହୋଇଛି। ଅର୍ଥାତ୍ ଗୋଲ ବଦଳରେ ନିର୍ଦ୍ଦିଷ୍ଟ ଉତ୍ତର ଲେଖିବାକୁ ପଡିବ। ପରୀକ୍ଷାର୍ଥୀ, ଶିକ୍ଷୟିତ୍ରୀ, ଶିକ୍ଷକ କିମ୍ବା ବିଦ୍ୟାଳୟର କୌଣସି କର୍ମଚାରୀ କେନ୍ଦ୍ରରେ ମୋବାଇଲ ଫୋନ୍ ବ୍ୟବହାର କରିବା ଉପରେ ଅଙ୍କୁଶ ଲଗାଯାଇଛି। କେବଳ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଜରୁରୀ କଲ୍ ଗ୍ରହଣ କରିବା ପାଇଁ ସୁଯୋଗ ଅଛି। ତାହା ପୁଣି କେବଳ କାର୍ଯ୍ୟାଳୟରେ। କେନ୍ଦ୍ରରେ ଯଦି କେହି ବିଶୃଙ୍ଖଳା ପ୍ରଦର୍ଶନ କରନ୍ତି ତେବେ ୧୯୮୮ ପରୀକ୍ଷା ପରିଚାଳନା ଅଧିନିୟମ ବଳରେ ୩ ହଜାର ଟଙ୍କା ଜରିମାନା ଓ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସୂଚନା ଦେଇଛନ୍ତି।

ଜିଲା ଶିକ୍ଷା ବିଭାଗ ସୂଚନା ଅନୁଯାୟୀ, ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ୧୫,୦୦୧ ଛାତ୍ରୀଛାତ୍ର ରେଗୁଲାର ଓ ୩୨୩ ଏକ୍ସ-ରେଗୁଲାର, ଏହିପରି ୧୫,୩୨୪ ଜଣ ପରୀକ୍ଷା ଦେବେ। ପତ୍ର ବିନିମୟ ପାଠ୍ୟକ୍ରମରେ ୪୨ ରେଗୁଲାର ଓ ୨ ଏକ୍ସ-ରେଗୁଲାର, ଏହିପରି ୪୪ଜଣ ପରୀକ୍ଷା ଦେବେ। ମଧ୍ୟମାରେ ୯୬ ଜଣ ପରୀକ୍ଷା ଦେବାର ସୁଯୋଗ ଥିବାବେଳେ ସେମାନଙ୍କ ମଧ୍ୟରେ ୯୦ ରେଗୁଲାର ଓ ୬ ଏକ୍ସ-ରୋଗୁଲାର ଛାତ୍ରୀଛାତ୍ର ଅଛନ୍ତି। ଅନୁରୂପ ଭାବେ ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓଏସ୍‌ଇ)ରେ ୧୯୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୯୪ ରେଗୁଲାର ଓ ୯୯ ଏକ୍ସ-ରୋଗୁଲାର ବୋଲି ଜଣାଯାଇଛି। ଜିଲାରେ ରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ୭୮ କେନ୍ଦ୍ର କରାଯାଇଥିବା ବେଳେ ମଧ୍ୟମାରେ ୧ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୨ଟି ରହିଛି। ୮ ନୋଡାଲ କେନ୍ଦ୍ରରେ ଯେପରି ପ୍ରଶ୍ନପତ୍ର ସୁରକ୍ଷିତ ରହିବ ସେନେଇ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଏଥିସହ କଡା ସୁରକ୍ଷା ବ୍ୟବସ୍ଥା କରାଯିବ। ସେଗୁଡିକ ହେଲା ବାଲିକୁଦା ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ, ବିରିଡ଼ି ବ୍ଲକ ଚାନ୍ଦପୁରସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ, ଏରସମା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ ବ୍ଲକର ବନବିହାରୀ ଉଚ୍ଚ ବିଦ୍ୟାଳୟ, ରଘୁନାଥପୁର ବ୍ଲକର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଓ ତିର୍ତ୍ତୋଲ ବ୍ଲକର ମଣିଚରଣ ସାରଳା ଏକାଡେମୀ। ଜିଲାପାଳ, ଏସ୍‌ପି, ଜିଲା ଶିକ୍ଷା ଅଧିକାରୀ ଓ ପରିଷଦ କେନ୍ଦ୍ରୀୟ ଜୋନାର ଡେପୁଟି ସେକ୍ରେଟାରୀଙ୍କୁ ନେଇ ଗଠିତ ସେଣ୍ଟ୍ରାଲ ଟ୍ୟାଗିଂ ସେଣ୍ଟର ନିଷ୍ପତ୍ତିକ୍ରମେ ଏହି ବିଦ୍ୟାଳୟଗୁଡିକୁ ନୋଡାଲ କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ର ପରୀକ୍ଷା ଦିନ ସକାଳେ କେନ୍ଦ୍ରରେ ସୁରକ୍ଷିତଭାବେ ପହଞ୍ଚାଯିବା ପାଇଁ ଡେସପାଚ୍ ଟିମ୍ ଗଠନ କରାଯାଇଛି। ପ୍ରତି ନୋଡାଲ କେନ୍ଦ୍ରରୁ ୩ଜଣିଆ ଏକ ଡେସପାଚ୍ ଟିମ୍ (୨ ଶିକ୍ଷକ, ୧ ବନ୍ଧୁକଧାରୀ) ପ୍ରଶ୍ନପତ୍ର ନେଇ କେନ୍ଦ୍ରରେ ପହଞ୍ଚାଇବେ। ଏବର୍ଷ ପାଖାପାଖି ୩୦ଟି କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବା ପାଇଁ ଚିନ୍ତା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ୨ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଏହାବାଦ୍ ପରିଷଦ କେନ୍ଦ୍ରୀୟ ଜୋନ ପକ୍ଷରୁ ୧ଟି ସ୍କ୍ୱାଡ୍ ରହିଛି। ଜିଲାର ସମସ୍ତ ବିଡିଓ, ତହସିଲଦାରଙ୍କୁ ଅଚାନକ ପରୀକ୍ଷା କେନ୍ଦ୍ର ପରିଦର୍ଶନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ ପ୍ରମୁଖ ଚାହିଁଲେ ଯେ କୌଣସି କେନ୍ଦ୍ର ପରିଦର୍ଶନ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି। ପ୍ରତି କେନ୍ଦ୍ରରେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଓ ଜଣେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରହିବେ। ଯେଉଁ ବିଦ୍ୟାଳୟରେ ୨୫୦ରୁ ଅଧିକ ପରୀକ୍ଷାର୍ଥୀ ସେଠାରେ ୧ ସୁପରିଣ୍ଟେଣ୍ଡେଣ୍ଟ ଓ ୨ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରହିବା ବ୍ୟବସ୍ଥା ହୋଇଛି। ପ୍ରତି ୨୫ ପିଲାରେ ଜଣେ ପରୀକ୍ଷା ନିୟନ୍ତ୍ରକ (ଇନ୍‌ଭିଜିଲେଟର୍) ରହିବେ। ୫୦ ପିଲା ଥିଲେ ଜଣେ ରୋଭର ଓ ୧୦୦ରେ ଜଣେ ରିଲିଭର୍ ନିଯୁକ୍ତ ହେବେ। ପ୍ରତି ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍, ପାଣି ଓ ପରିଶ୍ରାଗାର ସୁବ୍ୟବସ୍ଥିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ପାୱାର କଟ୍ ରୋକିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେସୁ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

**୧୯ରୁ ମାଟ୍ରିକ ପରୀକ୍ଷା**
- ୮ ନୋଡାଲ କେନ୍ଦ୍ର ଚୂଡାନ୍ତ
- ଏଥର ଅବ୍‌ଜେକ୍ଟିଭ୍ ନୁହେଁ, ସବ୍‌ଜେକ୍ଟିଭ୍ ପ୍ରଶ୍ନ
- ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ମନା

## ସଂକ୍ଷେପରେ

### ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକ ଉତ୍ସବ

**ରାହାମା,୪।୨(ଡି.ଏନ.ଏ.):** ରାହାମାଠାରେ ଥିବା ସତ୍ୟସାଇ ଭଜନମଣ୍ଡଳୀର ବାର୍ଷିକ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆବାହକ କାହ୍ନୁ ଚରଣ ସାହୁଙ୍କ ଆବାହକତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଜିଲା ଭଜନ ମଣ୍ଡଳୀ ସଭାପତି ଦାମୋଦର ସ୍ୱାଇଁ, କେନ୍ଦ୍ରାପଡା ଜିଲା ପ୍ରାକ୍ତନ ସଭାପତି ରାମଚନ୍ଦ୍ର ସ୍ୱାଇଁ, ଭଦ୍ରକ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ପରିଡା ଯୋଗଦେଇ ସତ୍ୟସାଇଙ୍କ ଆଧାତ୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। ପ୍ରାତଃରୁ ଓଁକାରମ୍, ସୁପ୍ରଭାତମ୍, ନଗର ସଙ୍କୀର୍ତ୍ତନ, ଷୋଡଶ ଉପଚାର ପୂଜା, ରୁଦ୍ରପ୍ରୀତମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରୁ ଭଜନ, ଜ୍ୟୋତି ଆବାହନ, ବେଦ, ସ୍ୱାଗତ ସଂଗୀତ, ସ୍ୱାଗତ ସମ୍ଭାଷଣ, ପ୍ରବଚନ, ବାଳବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାହାମା ଭଜନ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ନୂତନ ଥାନାଧିକାରୀଙ୍କ ଯୋଗଦାନ

**ନାଉଗାଁ,୪।୨(ସ୍ୱ.ପ୍ର.):** ନାଉଗାଁ ଥାନାରେ ମଙ୍ଗଳବାର ନୂତନ ଥାନାଧିକାରୀଭାବେ ଗୋବର୍ଦ୍ଧନ ସାହୁ ଯୋଗଦାନ କରିଛନ୍ତି। ଏଠାରେ ଥିବା ଥାନାଧିକାରୀ ପ୍ରଜ୍ଞାରିତାମ୍ବର କରଙ୍କ ଜଗତ୍‌ସିଂହପୁର ବିଦ୍ୟୁତ୍ ଥାନାକୁ ବଦଳି ହୋଇଛି। ତେଣ୍ଟୋଇ ଗ୍ରାମର ଦଳିତ ଯୁବତୀ ଆତ୍ମହତ୍ୟା ଘଟଣାରେ ସେ ଢିଲା ତଦନ୍ତ କରିଥିବା ଅଭିଯୋଗ କରି ତାଙ୍କୁ ତୁରନ୍ତ ବଦଳି ଓ ଗିରଫ ଦାବିରେ ରାଜ୍ୟ ଦଳିତ ସଂଘ ପକ୍ଷରୁ ଶନିବାର ଜଗତ୍‌ସିଂହପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏହାପରେ କରଙ୍କୁ ବିଦ୍ୟୁତ ଥାନାକୁ ସ୍ଥାନାନ୍ତର କରାଯାଇଛି। ନୂତନ ଥାନାଧିକାରୀ ସାହୁ ଯୋଗ ଦେବାପରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ମତପ୍ରକାଶ କରିଛନ୍ତି।

### ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ

**ନାଉଗାଁ,୪।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଧୀନ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହିଅବସରରେ ମହାବିଦ୍ୟାଳୟ ପ୍ରାଧାପକ ବିଭୁତି ଚରଣ ସ୍ୱାଇଁ, ଭୂବନାନନ୍ଦ ଦାସ, ଛାତ୍ର ସ୍ମୃତିରଞ୍ଜନ ଜେନା, ବିକାଶ କୁମାର ନାୟକ, ବୁଲୁ ନାୟକ, ନିଗମାନନ୍ଦ ସ୍ୱାଇଁ, ତାରକା ନାଥ ଜେନା ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ତାଲିମ ଶିବିର

**ପାରାଦୀପ,୪।୨(ସ୍ୱ.ପ୍ର.):** ସ୍ଥାନୀୟ ପୌରପାଳିକା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ସମ୍ପର୍କରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱଚ୍ଛ ସାଥି, ସଫେଇ କର୍ମଚାରୀଙ୍କୁ ସ୍ୱଚ୍ଛତା, ସୁରକ୍ଷା, ଦକ୍ଷତା ବିକାଶ, ଦକ୍ଷତା ମାନ୍ୟତା, ୨ ଲକ୍ଷ ଟଙ୍କାର ବୀମାରାଶିରେ ସାମିଲ କରାଯିବା, ପ୍ରାଥମିକ ଭାବେ ଜଣ ପିଛା ୫୦୦ ଟଙ୍କା ଦିଆଯିବା ଉପରେ ଆଲୋଚନା ହୋଇଥିଲା। ସହରାଞ୍ଚଳରୁ ଉଦ୍‌ବୃତ୍ତ ଆବର୍ଜନାକୁ ସଂଗ୍ରହ କରିବା ବେଳେ କିପରି ସଫେଇ କର୍ମଚାରୀ ସୁରକ୍ଷା ଉପକରଣ ପିନ୍ଧିବେ ସେ ସମ୍ପର୍କରେ ପ୍ରଶିକ୍ଷକମାନେ କହିଥିଲେ। ଏହି ସ୍ୱଚ୍ଛତାକୁ ନେଇ ପାରାଦୀପ ପୌରପାଳିକାକୁ ୨୦୧୮ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା। ଚଳିତ ବର୍ଷ ସ୍ୱଚ୍ଛତା ସର୍ବୋତ୍ତମ ରାଷ୍ଟ୍ରପତି ଆୱାର୍ଡ ତାଲିକାରେ ଓଡିଶାର ୩ଟି ପୌରସଂସ୍ଥା ରହିଛି। ଯେଉଁଥିରେ ପାରାଦୀପ ନାମ ଅଛି। ତେଣୁ ସେହି ମାନ୍ୟତା ଲକ୍ଷ୍ୟ ନେଇ ଆଗକୁ କାମ କରିବାକୁ ପଡିବ ବୋଲି ପୌରାଧକ୍ଷ ବସନ୍ତ ବିଶ୍ୱାଳ କହିଥିଲେ। ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ପାରାଦୀପରେ ସହରୀ ସମୃଦ୍ଧି ଉତ୍ସବ ହେବ। ଏଥିରେ ସବୁ ଯୋଜନାର ସୁଫଳ ନେବାକୁ ପାରାଦୀପର ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।

# ଗାଦିବ୍ରହ୍ମ ସେବକ ସଂଘର ପ୍ରସ୍ତୁତି ବୈଠକ

**ବାଲିକୁଦା, ୪।୨ (ସ୍ୱ.ପ୍ର.)**

ଆସନ୍ତା ୨୫ ତାରିଖରେ ବାଲିକୁଦାସ୍ଥିତ ଗାଦିବ୍ରହ୍ମ ସେବକ ସଂଘ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ମାଗଣାରେ ତୀର୍ଥ ଭ୍ରମଣ କରାଇ ନେବାକୁ ସ୍ଥିର କରାଯାଇଛି। ଏ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଭାପତି କେଦାର ଦଳାଇ, କୋଷାଧ୍ୟକ୍ଷ ରାମଚନ୍ଦ୍ର ଜେନା, ସଂଯୋଜକ ବିଭୂତିଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଯାତ୍ରାକୁ ଶୃଙ୍ଖଳିତ କରିବା ସକାଶେ ବିଭିନ୍ନ ଆଲୋଚନା କରିଥିଲେ। ଯାତ୍ରାରେ ୫୦୦ ବୃଦ୍ଧାବୃଦ୍ଧଙ୍କୁ ନିଆଯିବ। ଉକ୍ତ ଯାତ୍ରା ଅପଣ୍ଡରା ପଞ୍ଚାୟତସ୍ଥିତ ଗାଦି ପୀଠରୁ ବାହାରି ପ୍ରଥମେ ପୁରୀରେ ପହଞ୍ଚିବ। ସେଠାରେ ଜଗନ୍ନାଥ ଦର୍ଶନ ଓ ମହାପ୍ରସାଦ ସେବନ କରାଯିବ। ଏହାପରେ କୋଣାର୍କ, ଚନ୍ଦ୍ରଭାଗା, ରାମଚଣ୍ଡୀ ପୀଠ ଭ୍ରମଣ ପରେ ସନ୍ଧ୍ୟାରେ କାକଟପୁରରେ ମଙ୍ଗଳାଙ୍କ ଦର୍ଶନ କରି ଫେରିବେ ବୋଲି ସଭାପତି ଦଳାଇ ସୂଚନା ଦେଇଛନ୍ତି। ବାଲିକୁଦା ବ୍ଲକ ୪ ନଂ. ଜୋନ୍ ଅଧୀନ ୮ ପଞ୍ଚାୟତର ବୃଦ୍ଧାବୃଦ୍ଧଙ୍କୁ ସାମିଲ କରାଯାଇଥିବା ସମ୍ପାଦକ ବିଜୟ ମହାନ୍ତି ସୂଚନା ଦେଇଛନ୍ତି। ବୈଠକରେ ସାମାଜିକ କର୍ମୀ ଉମେଶ ସ୍ୱାଇଁ, ତ୍ରିନାଥ ମହାନ୍ତି, ସଂଘ ସଦସ୍ୟ ପ୍ରହ୍ଲାଦ ସ୍ୱାଇଁ, କାଳନ୍ଦି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଝଙ୍କଡ଼ ସାହିତ୍ୟ ସଂସଦର ସାରସ୍ୱତ ସମ୍ମେଳନ



ଅତିଥିଙ୍କ ଦ୍ୱାରା ଝଙ୍କଡ଼ ସାହିତ୍ୟ ସଂସଦର ମୁଖପତ୍ର 'ଝଙ୍କଡ'ଉନ୍ମୋଚନ କରାଯାଉଛି।

**ତିର୍ତ୍ତୋଲ,୪।୨(ଡି.ଏନ.ଏ.)**

ସାହିତ୍ୟିକମାନେ ସତ୍ୟନିଷ୍ଠ ସାହିତ୍ୟ ରଚନା କରିବା ସହିତ ଲୋକକଲ୍ୟାଣ କାର୍ଯ୍ୟରେ ସେମାନଙ୍କ ଲେଖନୀ ଚାଳନାରେ ବ୍ରତୀ ହୁଅନ୍ତୁ। ଝଙ୍କଡ଼ ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ସାରସ୍ୱତ ସମ୍ମେଳନରେ ଯୋଗଦେଇ ବିଶିଷ୍ଟ ସାହିତ୍ୟକ ପ୍ରଫେସର ବୈଷ୍ଣବ ସାମଲ ଏପରି ମତବ୍ୟକ୍ତ କରିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦାସ୍ଥିତ ଆଦିକବି ସାରଳାଦାସଙ୍କ ସମାଧି ପୀଠ ମୁନିଗୋସାଇଁ ମଠ ପରିସରରେ ସଂସଦ ସଭାପତି ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଏହି ସମ୍ମେଳନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପିପିଏଲର ଜେନେରାଲ ମ୍ୟାନେଜର ଜଗନ୍ନାଥ ଖୁଣ୍ଟିଆ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ, ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଭାପତି ଇଂ ପ୍ରଭାକର ସ୍ୱାଇଁ, ଗାଳ୍ପିକା ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଗୋଲୋକ ବିହାରୀ ପଲାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିଶୁନୃତ୍ୟ ଶିଳ୍ପୀ ସାଇ ଋତୁପର୍ଣ୍ଣା ଅତିଥିଙ୍କୁ ଅଭିନନ୍ଦନ ଜଣାଇ ନୃତ୍ୟ ପରିବେଷଣ କରିଥିଲେ। ଅତିଥିଙ୍କ ଦ୍ୱାରା ସଂସଦର ମୁଖପତ୍ର 'ଝଙ୍କଡ'ଉନ୍ମୋଚିତ ହୋଇଥିଲା। ଉପଦେଷ୍ଟା ଅକ୍ଷୟ ଦାସ, ପରମାନନ୍ଦ ମିଶ୍ର, ଚିତ୍ତରଞ୍ଜନ ପରିଜା, ନିତ୍ୟାନନ୍ଦ ନାୟକ, ହେମନ୍ତ ନାୟକ, ଚୌ.ବରଦା ପ୍ରସନ୍ନ ଦାସ ଓ ଦିଗମ୍ବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହିଅବସରରେ ପ୍ରତିଭାଧରୀ ବ୍ୟକ୍ତି, ସାହିତ୍ୟକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସାଗର ମହାପାତ୍ର, ସୁହାଗିନୀ ବେହେରା, ପୀତାମ୍ବର ମହାପାତ୍ର, କୃଷ୍ଣଚନ୍ଦ୍ର ନନ୍ଦ ଓ ତିର୍ତ୍ତୋଲ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କବୟିତ୍ରୀ ପ୍ରିୟତମା ସାହୁ, କାଦମ୍ବିନୀ ପରିଜା ଓ ଚୁନିଲତା ବିଶ୍ୱାଳଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପୁରୀ ଭଳି ପାରାଦୀପ ବେଳାଭୂମିର ସୌନ୍ଦର୍ଯ୍ୟକରଣ ହେବ

**ପାରାଦୀପ,୪।୨(ସ୍ୱ.ପ୍ର.)**

ରାଜ୍ୟ ସରକାର ପୁରୀ ସମେତ ରାଜ୍ୟର ଅନେକ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ କରିଛନ୍ତି। ଏହି ତାଲିକାରେ ପାରାଦୀପ ନାମ ମଧ୍ୟ ରହିଛି। ପାରାଦୀପ ବେଳାଭୂମି ଓ ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି। ପାରଦୀପର ବିକାଶ ପାଇଁ କେଉଁଠି ଓ କିପରି ସୌନ୍ଦର୍ଯ୍ୟକରଣ କରାଯିବ ସେ ନେଇ ପୌରପାଳିକା, ହୋଟେଲ କର୍ତ୍ତୃପକ୍ଷ କିମ୍ବା ଅନ୍ୟ କେହି ପ୍ରସ୍ତାବ ଦେବାକୁ ଜିଲାପାଳ ମହାପାତ୍ର କହିଛନ୍ତି। ଏହି ପ୍ରସ୍ତାବ ସେ ପାଇଲେ ସରକାରଙ୍କ ନିକଟକୁ ପଠାଇବେ। ପରେ ସୌନ୍ଦର୍ଯ୍ୟକରଣ ମାନଚିତ୍ର ଓ ଅର୍ଥ ଆସିବ। ଏହା ଏକ ଭଲ ପ୍ରସ୍ତାବ ବୋଲି ଜିଲାପାଳ ମତବ୍ୟକ୍ତ କରିଛନ୍ତି।

# କରୋନା ମୁକାବିଲା ପାଇଁ ବ୍ୟାପକ ବ୍ୟବସ୍ଥା

**ପାରାଦୀପ,୪।୨(ସ୍ୱ.ପ୍ର.)**

କରୋନା ଭାଇରସର ମୁକାବିଲା ପାଇଁ ପାରାଦୀପ ବନ୍ଦରରେ ବ୍ୟାପକ ସତର୍କତା ବ୍ୟବସ୍ଥା କରାଯାଇଛି। ଏସମ୍ପର୍କରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦକ୍ଷିଣ ଏସିଆ ଦେଇ ଆସୁଥିବା ସମସ୍ତ ଜାହାଜର ନାବିକଙ୍କ ଆଗୁଆ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଏଥିସହିତ ୪ନମ୍ବର ଗେଟ୍‌ଠାରେ ଥର୍ମାଲସ୍କାନ ମେଶିନ ଲଗାଯାଇଛି। ଜାନୁୟାରୀ ୧୫ରେ କେବେଳ ୨ ଚାଇନା ନାଗରିକ ଆସିଥିଲେ। ଏହା ପରଠାରୁ ଆଉ କେହି ସେହି ଦେଶରୁ ନାବିକ ଆସିନାହାନ୍ତି। ଏବେ ପଣ୍ୟ କାରବାର ସ୍ୱାଭାବିକ ରହିଛି। କିନ୍ତୁ କରୋନା ସଂକ୍ରମଣ ଯେପରି ପାରାଦୀପ ବନ୍ଦର ବାଟେ ନ ଆସେ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି।

# ଅଳକା କଲେଜର ପୁରସ୍କାର ବିତରଣ ଉତ୍ସବ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ବିରିଡ଼ି (ଡି.ଏନ୍.ଏ.)/ବାଲିଆ, ୪।୨**

ବିରିଡ଼ି ବ୍ଲକ ଅଧୀନ ଅଳକା ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜଗତ୍‌ସିଂହପୁର ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି, ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କିଶୋର ପରିଡା ମୁଖ୍ୟବକ୍ତା ଓ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ନଳିନିକାନ୍ତ ମହାପାତ୍ର, ଅଧ୍ୟାପକ ଭରତ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଡ. ଜ୍ୟୋତିପ୍ରକାଶ ସାମନ୍ତରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଯୁକ୍ତ ୩ ଛାତ୍ର ତାରାକାନ୍ତ ଓଝା, ରିଙ୍କି କାଣ୍ଡି ଓ ଯୁକ୍ତ ୨ର ସରୋଜ କାନ୍ତ ସାହୁ, ନିହାରିକା ଦାସଙ୍କ ସମେତ ଉତ୍ତମ ଛାତ୍ର ଭାବେ ସ୍ମୃତିରଞ୍ଜନ ଦାସ, ଶୁଭଲକ୍ଷ୍ମୀ ରାମ, ଜୟନାରାୟଣ ସାହୁଙ୍କୁ ଅତିଥି ଟ୍ରଫି ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ଯୁକ୍ତ ୨ର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ରୁଦ୍ରନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରୁଦ୍ରନାରାୟଣ ମିଶ୍ର, ସୌମ୍ୟରଞ୍ଜନ ପଣ୍ଡା, ଚୁମନ ବେହେରା, ପ୍ରଶାନ୍ତ ପାଢ଼ୀ, ସଞ୍ଜୟ ମିଶ୍ର, ଅକ୍ଷୟ ବେହେରା, ପରିକ୍ଷିତ ମଲିକ, ଶଲିଳା ଦାସ, ଡ. ମଞ୍ଜୁଲତା ଦାସ, ବିଦିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍‌ଆର୍‌ସି, ସିଏଏ ପ୍ରତ୍ୟାହାର ଦାବିରେ ମାନବଶୃଙ୍ଖଳ

**ବାଲିଆ,୪।୨**





ବିରିଡି ଛକଠାରେ ମାନବ ଶୃଙ୍ଖଳ କରାଯାଇଛି।

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ସମ୍ପାଦିକା ପ୍ରମୋଦିନୀ ମିଶ୍ରଙ୍କ ନେତୃତ୍ୱରେ ବିରିଡି ବ୍ଲକର ବିରିଡିଛକଠାରେ ଏନଆରସି, ସିଏଏ ଓ ଏନପିଆର ପ୍ରତ୍ୟାହାର ଦାବିରେ ସଂଘୀୟ ଦିବସ ପାଳନ ସହ ମାନବ ଶୃଙ୍ଖଳ କରାଯାଇଛି। ଏହାକୁ ସମର୍ଥନ କରି ଏସ୍‌ୟୁସିଆଇର ଆଞ୍ଚଳିକ କମିଟି ସମ୍ପାଦକ ମଙ୍ଗୁଳି ଦାସ, ସିପିଆଇର ତ୍ରୈଲୋକ୍ୟ ନାଥ ଜେନା, ଏଆଇଏମ୍‌ଏସ୍‌ଏସ୍‌ର ଜିଲା ସହସମ୍ପାଦିକା ରଶ୍ମିପ୍ରଭା ଭୋଇ, ଗୌରୀ ବେହେରା, ପ୍ରକାଶ ଦାସ, ଗୌରାଙ୍ଗ ବୋଷ, ରମେଶ ଭୋଇ, ରମେଶ ନାୟକ, ପ୍ରମୁଖ ଯୋଗଦେଇ ସିଏଏ, ଏନଆରସି, ଏନପିଆର ପ୍ରତ୍ୟାହାର ପାଇଁ ଦେଶ ବ୍ୟାପୀ ଚାଲିଥିବା ଆନ୍ଦୋଳନକୁ ସମର୍ଥନ କରିଥିଲେ। ମାନବ ଶୃଙ୍ଖଳରେ ଅନେକ ଜନସାଧାରଣ ସାମିଲ ହୋଇଥିଲେ।

# ୪ ପରିବାରର ଘର ଜଳିଗଲା

**ଜଗତ୍‌ସିଂହପୁର ଅଫିସ୍,୪।୨**

ଜଗତ୍‌ସିଂହପୁର କାଠିଆପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ରଘୁନାଥ ମହାନ୍ତି, ଜଗଦିଶ ମହାନ୍ତି, ବିଶ୍ୱନାଥ ମହାନ୍ତି ଓ ହୃଷୀକେଶ ମହାନ୍ତିଙ୍କ ପରିବାରର ଏକାଧିକ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଏଥିସହ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ସମେତ କିଛି ଟଙ୍କା ପୋଡି ଯାଇଥିବା ଅଭିଯୋଗ ହୋଇଛି। ସମସ୍ତ ଘର ପୋଡି ଯାଇଥିବାରୁ ଏହି ପରିବାରର ସଦସ୍ୟମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୩ ତାରିଖ ସନ୍ଧ୍ୟାରେ କେହି ଗୁହାଳ ଘରେ ଧୂଆଁ ଦେଇଥିଲେ। ଏହି ସମୟରେ ତାଙ୍କ ଅଜ୍ଞାତରେ କୌଣସିମତେ ନିଆଁ ଉଡି ଚାଳ ଘରେ ଲାଗି ଯିବାରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଚାଳ ଜଳୁଥିବା ଦେଖି ଏହି ପରିବାର ଲୋକେ ବାହାରକୁ ବାହାରି ଯାଇଥିଲେ। କିନ୍ତୁ ନିଆଁର କୋପ ଏତେ ଥିଲା ଯେ ତାକୁ ନିୟନ୍ତ୍ରଣ କରିବା ସହଜ ନ ଥିଲା। ଯେଉଁ କାରଣରୁ ପଡୋଶୀମାନଙ୍କ ଘର ମଧ୍ୟ ଜଳିଥିଲା। ଏ ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚିଲାବେଳକୁ ଘରଗୁଡିକ ଜଳି ଯାଇଥିଲା। ଖବର ପାଇ ତହସିଲଦାର ସଙ୍ଗେସଙ୍ଗେ ସମ୍ପୃକ୍ତ ଅଞ୍ଚଳର ଆର୍‌ଆଇଙ୍କୁ ଅନୁଧ୍ୟାନ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଖବର ପାଇ ଜ୍ଞାନଦେବୀ ନାରୀ ସୁରକ୍ଷା କମିଟି ସଦସ୍ୟମାନେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢାଇଛନ୍ତି।



ଅଗ୍ନି ବିପନ୍ନ ପରିବାର।

# ନିମପୁର କ୍ରିକେଟ କ୍ଲବ, ହିନ୍ଦୁସ୍ତାନ ସ୍ପୋର୍ଟିଂ ବିଜୟୀ

**ଜଗତ୍‌ସିଂହପୁର ଅଫିସ୍, ୪।୨**



ଅତିଥି ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ଯୁଗଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଯୁଗଜ୍ୟୋତି ସ୍ପୋର୍ଟସ୍ କ୍ଲବ ପକ୍ଷରୁ ନବାପାଟଣାରେ ଚାଲିଥିବା ଯୁଗଜ୍ୟୋତି କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ, ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଯଥାକ୍ରମେ ହିନ୍ଦୁସ୍ତାନ କ୍ରିକେଟ୍ କ୍ଲବ ଓ ନିମପୁର କ୍ରିକେଟ୍ କ୍ଲବ ବିଜୟୀ ହୋଇଛନ୍ତି। ମଙ୍ଗଳବାର ୩ୟ କ୍ୱାର୍ଟର ଫାଇନାଲ ଜଗତପୁରର ନିମପୁର କ୍ରିକେଟ୍ କ୍ଲବ ଓ କଟକର ମା' ମଙ୍ଗଳା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ମା' ମଙ୍ଗଳା କ୍ରିକେଟ କ୍ଲବ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୩୦ ଓଭରରୁ ୨୭.୧ ଓଭର ଖେଳି ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ନିମପୁର କ୍ରିକେଟ କ୍ଲବ ୨୬.୨ ଓଭର ଖେଳି ୮ ଉଇକେଟ୍ ବିନିମୟରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମା' ମଙ୍ଗଳା କ୍ରିକେଟ କ୍ଲବ ତରଫରୁ ଶୁଭାଂସୁ ସାମଲ ବ୍ୟକ୍ତିଗତ ୬୫ ରନ ଓ ନିମପୁରର ଆର୍. ଅଜୟ ବ୍ୟକ୍ତିଗତ ୪୬ ରନ୍ କରି ଦଳ ପାଇଁ ଗୁରୁ ଭୂମିକା ନିଭାଇଥିଲେ। ସେସୁ ସହକାରୀ ପରିଚାଳକ ଦେବେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍‌ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ କରଣ ଖାଁ ଓ ସୁରେଶ ଦାସ। ସ୍କୋରର ଥିଲେ ନିତିନ ନନ୍ଦନ। ସେହିପରି ୩ ତାରିଖରେ ଅନୁଷ୍ଠିତ ୨ୟ କ୍ୱାର୍ଟର ଫାଇନାଲରେ କଟକର ୟୁନିୟମ ସ୍ପୋର୍ଟିଂ କ୍ଲବ ଓ ଜଗତ୍‌ସିଂହପୁରର ହିନ୍ଦୁସ୍ତାନ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ହିନ୍ଦୁସ୍ତାନ କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୩୦ ଓଭର ଖେଳି ୯ ଉଇକେଟ୍ ବିନିମୟରେ ୧୭୭ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୨୬.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୭ ରନ୍‌ରେ ସୀମିତ ରହିଯାଇଥିଲା। ମ୍ୟାଚ୍‌ରେ ହିନ୍ଦୁସ୍ତାନ କ୍ରିକେଟ ଦଳର ଅରୁଣ ମହାରଣା ବ୍ୟକ୍ତିଗତ ୬୭ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦଳର ପବିତ୍ର ବିଶୋଇ ଓ ସୁପ୍ରଭାତ ପଟ୍ଟନାୟକ ଉଭୟ ୩ଟି ଲେଖାଏ ଉଇକେଟ୍ ନେଇ ଦଳକୁ ବିଜୟ କରାଇଥିଲେ। ଶେଷରେ ନବାପାଟଣାର କୃତୀ ଶିକ୍ଷକ ପ୍ରଶନ୍ନ କୁମାର ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ୨ୟ ଓ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଜୟନ୍ତ ଦାସ ଓ ସଞ୍ଜୀବ ବେହେରା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଅଧ୍ୟାପକଙ୍କ ମୃତ୍ୟୁ

ଭାପୁର, ୪।୨(ଡି.ଏନ୍.ଏ.): ଭାପୁର ବ୍ଲକ ରାଜମା ପଞ୍ଚାୟତ ଆଡ଼ିପଡ଼ା ଗ୍ରାମର ଜଣେ ଅଧାପକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବାବେଳେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଆଡ଼ିପଡ଼ା ଗ୍ରାମର ଗୋଲକ ବିହାରୀ ସାହୁ(୪୯) ପୁରୀ ଜିଲା କଣାସ କଲେଜରେ ଅଧାପକ ଭାବେ କାର୍ଯ୍ୟ କରନ୍ତି। ବାପାଙ୍କ ଶ୍ରାଦ୍ଧ ପାଇଁ ସେ ଗ୍ରାମକୁ ଆସିଥିଲେ। ଗତ ୧ ତାରିଖ ରାତି ସାଢ଼େ ୮ଟାରେ ସେ କୌଣସି କାମରେ ବାଇକ୍‌ରେ କଣ୍ଟିଲୋ ଯାଉଥିବା ସମୟରେ ବାଉଁଶବାଟୀ ଗ୍ରାମ ପୂର୍ବରୁ ଏକ କାର୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ଡାକ୍ତରଖାନା ନିଆଯାଇଥିଲା। ପରେ ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ନାବାଳିକାଙ୍କୁ ଅସଦାଚରଣ: ଜେଲ ଗଲେ ଯୁବକ

ନୟାଗଡ ଅଫିସ, ୪।୨: ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନୟାଗଡ ସଦର ଥାନା ପୋଲିସ ନୂଆପଲ୍ଲୀ ଗାଁର ମନୋଜ ନାୟକ(୨୦)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ମନୋଜଙ୍କୁ ନୟାଗଡ ଜେଲକୁ ପଠାଇ ଦିଆଯାଇଛି । ଜଣେ ୧୫ ବର୍ଷର ନାବାଳିକାଙ୍କୁ ମନୋଜ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏହା ଆଧାରରେ ପୋଲିସ ଏକ ମାମଲା (ନଂ.୧୫/୨୦) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଖଣ୍ଡପଡ଼ା,୪।୨(ସ୍ୱ.ପ୍ର)- ଖଣ୍ଡପଡା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ବଳରାମ ପ୍ରସାଦ ଗ୍ରାମରେ ଥିବା କୃଷ୍ଣ ଗୌରାଙ୍ଗ ମେମୋରିଆଲ ହାଇସ୍କୁଲ୍‌ର ୨୦୦୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୪ବର୍ଷ ବ୍ୟବଧାନ ପରେ ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ବିଗତ ଦିନର ସ୍ମୃତିକୁ ମନେପକାଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ପୁରାତନ ସହପାଠୀ ବିଚିତ୍ର କୁମାର ବେହେରାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ସହପାଠୀମାନେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସହପାଠୀ ସଂଗ୍ରାମ ପଡିଆରୀ, ରଞ୍ଜନ କୁମାର ସାହୁ, ଗୁଲୁ ପ୍ରସାଦ ସ୍ୱାଇଁ, ବିକ୍ରମ ସାହୁ, ରାଜୀବ ରାଉତ, ବର୍ଷାରାଣୀ ସାହୁ, କବିତା ରାଉତ, ତ୍ରିନାଥ ସ୍ୱାଇଁ, ସରୋଜ କୁମାର ମଲିକ ପ୍ରମୁଖଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ସହପାଠୀ ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇଥିଲେ। ସହପାଠୀମାନେ ସ୍କୁଲ୍‌ର ଅତୀତ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ଠାକୁର, ଉନ୍ନୟନ କାର୍ଯ୍ୟ ନାଁରେ ଜଙ୍ଗଲ ଲୁଟ୍

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ, ୪।୨



- ପୋଡୁ ଚାଷ ଉପରେ ଲଗାମ ନାହିଁ
- ତଦନ୍ତ ଚାଲୁଛି ଦର୍ଶାଇ ବନ ବିଭାଗ ଚୁପ୍
- ପଦା ହେବାରେ ଲାଗିଛି ନୟାଗଡ଼ ବନଖଣ୍ଡ

ଜଙ୍ଗଲ ଲୁଟିବାର ନୂଆ ତରିକା ଆପଣାଇଛନ୍ତି ଅସାଧୁ ବ୍ୟବସାୟୀ। ଠାକୁର ଓ ଉନ୍ନୟନ କାର୍ଯ୍ୟ ବାହାନାରେ ସେମାନେ ଜଙ୍ଗଲରୁ ଗଛ କାଟି ବ୍ୟବସାୟ ଚଳାଇଛନ୍ତି। ଫଳରେ ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲ ପଦା ହେବାରେ ଲାଗିଛି। କିଛି ସ୍ଥାନରେ ବ୍ୟକ୍ତିଗତ ସ୍ୱାର୍ଥ, ପୋଡୁ ଚାଷ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଏହା ଉପରେ ଲଗାମ ଲାଗିପାରୁନି। ଅଧିକାଂଶ ସ୍ଥଳେ ଜମି ଆମର ନୁହେଁ ଦର୍ଶାଇ ବନ ବିଭାଗ ଚୁପ୍ ରହୁଛି। ଆଉ କିଛି ସ୍ଥାନରେ ତଦନ୍ତ ନାଁରେ ଗଛକଟା ଫାଇଲ ଶୀତଳଭଣ୍ଡାରକୁ ଚାଲିଯାଉଛି। କାଁ ଭାଁ ବନ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। କିନ୍ତୁ ଗଛ କାଟୁଥିବା ବ୍ୟକ୍ତିମାନେ ସହଜରେ ଖସିଯାଉଛନ୍ତି। ଚୁଲି ଚାନ୍ଦା ଓ ପାଳି କରି ଜଙ୍ଗଲ ସୁରକ୍ଷା କରାଯାଉଥିବା ଜିଲାରେ ଜଙ୍ଗଲ ପଦା ହେବା ଏକ ଖରାପ ବାର୍ତ୍ତା ଦେଉଛି।

### ଲେମନ ଗ୍ରାସ୍ ଚାଷ ପାଇଁ ଉଜୁଡ଼ିଗଲା ୪୦ ଏକର

ଆଦିବାସୀ ଅଧ୍ୟୁଷିତ ଦଶପଲ୍ଲା ବ୍ଲକର ପୋଖରୀଗୋଛା ଅଞ୍ଚଳରେ କିଛିମାସ ତଳେ ପ୍ରାୟ ୪୦ ଏକର ଜଙ୍ଗଲରୁ ଶାଳ, ଶାଗୁଆନ, ପିଆଶାଳ, କୁରୁମ, ଅସନ, ଧଉରା, କେନ୍ଦୁ ଆଦି ପ୍ରଜାତିର ଗଛ କାଟି ନିଆଗଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୩ ଲକ୍ଷ ଟଙ୍କାର ଲେମନ୍ ଗ୍ରାସ୍ ପ୍ଲାଣ୍ଟେଶନ୍ ପାଇଁ ବନ ବିଭାଗର ବିନା ଅନୁମତିରେ କୋଟି କୋଟି ଟଙ୍କାର ମୂଲ୍ୟବାନ ଗଛ କଟାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ଓ ତହସିଲ ପକ୍ଷରୁ ଖୋଳତାଡ କରାଯାଇଥିଲା। ଏପରି କି ଜିଲାପାଳ ଡା. ପୋମା ଟୁଡୁ ଗଛ କଟାଯାଇଥିବା ସ୍ଥାନ ଅନୁଧ୍ୟାନ କରିଥିଲେ। ଅନିୟମିତତା ପ୍ରମାଣ ପରେ ବି ନାହିଁ କାର୍ଯ୍ୟାନୁଷ୍ଠାନ। କିଛି ରାଜନେତାଙ୍କ ପ୍ରରୋଚନାରେ ମାମଲା ଚପିଯାଇଥିବା କୁହାଯାଉଛି।

### କ୍ରଶର ପାଇଁ ଜଙ୍ଗଲ ପଦା

ଖଣ୍ଡପଡ଼ା ବ୍ଲକ ସିଙ୍ଗିପୁର ନିକଟ ପାହାଡରୁ ପଥର ଆଣି ମହୀପୁର ବନାଞ୍ଚଳ ମହିତମା ସେକ୍ସନ ସିକ୍ରୀଡା ପଞ୍ଚାୟତର ଏକ କ୍ରଶରରେ ମେଟାଲ, ଚିପ୍ସ କରାଯାଉଥିଲା। କଞ୍ଚାମାଲ ଆସିବାରେ ଜଙ୍ଗଲ ପ୍ରତିବନ୍ଧକ ସାଜୁଥିଲା। ଏଥିପାଇଁ କ୍ରଶର ଥିବା ସ୍ଥାନରୁ ସିଙ୍ଗିପୁର ପର୍ଯ୍ୟନ୍ତ ଜଙ୍ଗଲ ପଦା କରାଗଲା। କଟାଯାଇଥିବା ଗଛଗୁଡିକ ବିକ୍ରି କରାଗଲା । ବାଟରେ ଥିବା ବଡ ବଡ ପଥର କ୍ରଶରକୁ ଗଲା। ପରେ ବନ ବିଭାଗ ରାଜସ୍ୱ ବିଭାଗର ଜମି କହି ଚୁପ ହୋଇଗଲା। ଅନ୍ୟପକ୍ଷେ ଜାଣି ନ ଥିବା କହି ରାଜସ୍ୱ ବିଭାଗ ମଧ୍ୟ ନୀରବ ରହିଲା। ଜାଣିବା ପରେ ବି ତାଗିଦ୍‌ରେ ଅଟକିଗଲା କାର୍ଯ୍ୟାନୁଷ୍ଠାନ। ଜଣେ ଲୋକର କ୍ରଶର ପାଇଁ ୩ରୁ ୪ଏକର ଜଙ୍ଗଲ ଉଜୁଡିଗଲା।

### ଚାପରେ ପୋଲିସ

ଓଡଗାଁ ରେଞ୍ଜ ବାହାଡାଝୋଲା ସେକ୍ସନ ମକରାପଲ୍ଲୀ ସଂରକ୍ଷିତ ଜଙ୍ଗଲରୁ ୩ଟି ଟ୍ରାକ୍ଟରରେ ଶାଳଗଣ୍ଡି ଲୁଟ୍ ହେଉଥିଲା। ବାହାଡାଝୋଲା ବନପାଳ ଉକ୍ତ କାଠ ଜବତ କରିବା ସହ ୩ ଚାଳକ ଓ ୩ ହେଲପରଙ୍କୁ କାବୁ କରିଥିଲେ। ତେବେ ଓଡଗାଁ ପୋଲିସ ଉପସ୍ଥିତିରେ ବନ୍ଧାଭୂମି ନିକଟରେ କିଛି ଲୋକ ବନ କର୍ମଚାରୀଙ୍କୁ ଅଟକ ରଖି ଗାଡି ସହ କାଠ ନେଇଯାଇଥିଲେ। ଗାଁରେ ଅଷ୍ଟପ୍ରହର ପାଇଁ ଏହି କାଠ ନେଉଥିବା ଲୋକେ ସଫେଇ ଦେଇଥିଲେ। ଘଟଣାସ୍ଥଳରେ ନୟାଗଡ଼ ଡିଏଫଓ, ଓଡଗାଁ ରେଞ୍ଜର ଉପସ୍ଥିତ ଥିଲେ ମଧ୍ୟ କିଛି କରିପାରି ନ ଥିଲେ। ଏ ନେଇ ଓଡଗାଁ ଥାନାରେ ବନ ବିଭାଗ ତରଫରୁ ଅଭିଯୋଗ ହୋଇଥିଲା। ଅତୀତରେ ଓଡଗାଁ ବନପାଳ ଓ ବାହାଡାଝୋଲା ବନପାଳଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଏଯାବତ ହାତବାନ୍ଧି ବସିଥିବାରୁ ବନ୍ଧାଭୂମି କାଠ ଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କାରଣ ପୋଲିସ ଚାପରେ ଥିବା କୁହାଯାଉଥିଲା। ଶେଷରେ ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି।

## ଯକ୍ଷ୍ମାରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଶୁଭାରମ୍ଭ



କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ନୟାଗଡ ଅଫିସ, ୪।୨

ନୟାଗଡ ବ୍ଲକରେ ଯକ୍ଷ୍ମାରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା ଏଥିରେ ସାମିଲ ହୋଇ ଘରକୁ ଘର ବୁଲି ଯକ୍ଷ୍ମାରୋଗୀ ଚିହ୍ନଟ କରିବେ। ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟକର୍ମୀ ଓ ଆଶାଙ୍କୁ ନେଇ ୧୫ ଦଳ ଗଠନ କରାଯାଇଛି । ଗୋଟିଏ ଦଳ ୫୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ଯାଇ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରିବେ। ଦୀର୍ଘଦିନ ଧରି ଜ୍ୱର ହେବା, ଶରୀର ଓଜନ କମିବା, କାଶରେ କଫ ପଡିବା, ଛାତି ଯନ୍ତ୍ରଣା ହେଲେ ତୁରନ୍ତ କଫ ପରୀକ୍ଷଣ କରାଯିବ। ଏହାକୁ ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

## ୮ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୪୦୬

ଭାପୁର, ୪।୨(ଡି.ଏନ୍.ଏ.)

ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ସରିବ। ଭାପୁର ବ୍ଲକର ୨୪ ହାଇସ୍କୁଲର ୧୪୦୬ଜଣ ପରୀକ୍ଷାର୍ଥୀ ୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଏଥିପାଇଁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। ଫତେଗଡ଼, ଭାପୁର, କରବର, ପଦ୍ମାବତୀ, ଗୋଳାପୋଖରୀ ଓ ଜାମୁସାହି ପରୀକ୍ଷା କେନ୍ଦ୍ର ଫତେଗଡ଼ ନୋଡ଼ାଲ ସେଣ୍ଟର ଏବଂ ବାଇଗୁଣିଆ ଓ ବଳଦିଆ ନୂଆଗାଁ କେନ୍ଦ୍ର ଦୁଇଟି ଖଣ୍ଡପଡ଼ା ରାମଚନ୍ଦ୍ର ହାଇସ୍କୁଲ ନୋଡ଼ାଲ ସେଣ୍ଟର ଅଧୀନରେ ରହିବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଚାଲିଥିବା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ବଣିକ ମହାସଂଘର ବାର୍ଷିକୋତ୍ସବ



ଶୋଭାଯାତ୍ରାରେ ବ୍ୟବସାୟୀମାନେ।

ଦଶପଲ୍ଲା, ୪।୨(ଡି.ଏନ.ଏ.)

ଦଶପଲ୍ଲ ମହାବୀର ବଣିକ ସଂଘର ୯ମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମସ୍ତ ବ୍ୟବସାୟୀ ଏକ ଶୋଭାଯାତ୍ରାରେ ତ୍ରିନାଥ ବଜାରଠାରୁ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ୧୩ ବଣିକ ସଂଘର ଦେଢ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସାମିଲ ହୋଇଥିଲେ। ମହାସଂଘ ସଭାଗୃହରେ ଆୟୋଜିତ ସଭାରେ ସଂଘ ସଭାପତି ଅଲେଖ ସାହୁ, ଉମାକାନ୍ତ ସାହୁ, ପ୍ରଶାନ୍ତ ସାହୁ, ତାରାକାନ୍ତ ସାହୁ, ସଜନ ରାୟ, ସଜନ ଅଗ୍ରୱାଲ, ସଂଯୁକ୍ତ ଦାଗୁପ୍ତା ପ୍ରମୁଖ ଯୋଗଦେଇ ବ୍ୟବସାୟୀଙ୍କ ଉନ୍ନତି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ ସହ କେତେଜଣ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କୁରାଳ ଡାକ୍ତରଖାନାରେ ତାଲା ପକାଇଲେ ଲୋକେ

ଓଡ଼ଗାଁ, ୪।୨(ସ୍ୱ.ପ୍ର.): ଓଡ଼ଗାଁ ଆଦର୍ଶ ଥାନାର କୁରାଳ ଗ୍ରାମରେ ଥିବା ସରକାରୀ ଡାକ୍ତରଖାନାରେ ଲାଗିରହିଥିବା ଅବ୍ୟବସ୍ଥାରେ ଲୋକେ ଅତିଷ୍ଠ ହୋଇ ମଙ୍ଗଳବାର ଅପରାହ୍ନରେ ତାଲା ପକାଇ ଦେଇଥିଲେ। ଏଠାରେ ବର୍ଷ ବର୍ଷ ଧରି କୌଣସି ଏଲୋପାଥିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ନ ଥିବା ବେଳେ ଜଣେ ଆୟୁଷ (ଆୟୁର୍ବେଦିକ) ଡାକ୍ତରଙ୍କୁ କାମ ଚଳାଇବା ନିମନ୍ତେ ଅବସ୍ଥାପିତ କରାଯାଇଛି। ହେଲେ ସମ୍ପୃକ୍ତ ଆୟୁଷ ଡାକ୍ତର ଓଳିଏ ଆସିଲେ ଓଳିଏ ଆସୁ ନ ଥିବା ନେଇ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହା ସହିତ ସେଠାରେ ଥିବା ଫାର୍ମାସିଷ୍ଟ ଓ ଡାକ୍ତରଙ୍କ ମଧ୍ୟରେ କୌଣସି ତାଳମେଳ ରହୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ନିର୍ବାଚିତ ପ୍ରତିନିଧିମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି । ଏପରିସ୍ଥଳେ ମଙ୍ଗଳବାର ଅପରାହ୍ନ ସାଢେ ୩ଟା ସୁଦ୍ଧା ଡାକ୍ତର କିମ୍ବା ଫାର୍ମାସିଷ୍ଟ ନ ଆସିବାରୁ ନିର୍ବାଚିତ ପ୍ରତିନିଧିଙ୍କ ସହିତ କେତେକ ଲୋକ ଏକାଠି ହୋଇ ଡାକ୍ତରଖାନା ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି। ସିଡିଏମ୍‌ଓ ତୁରନ୍ତ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ କୁମାର ଦାବି କରିଛନ୍ତି।

## ବାଲିଝାରିକୁ ହରାଇ ସେମିରେ ନୟାଗଡ଼

**ଆର୍‌ଡିସିସି କ୍ରିକେଟ ଟୁର୍ନାମେଣ୍ଟ**

ଗଣିଆ,୪।୨(ଡି.ଏନ.ଏ.)

ଗଣିଆ ବ୍ଲକ ରାଜିଙ୍ଗି ଗ୍ରାମ ଆରଡିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଶେଷ ଲିଗ୍ ମ୍ୟାଚରେ ନୟାଗଡ କ୍ରିକେଟ କ୍ଲବ ୨୬ରନରେ କଟକ ଜିଲା ବାଲିଝାରି କ୍ରିକେଟ କ୍ଲବକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରଥମେ ନୟାଗଡ କ୍ରିକେଟ କ୍ଲବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନୟାଗଡ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୫ ଓଭରରେ ୮ଉଇକେଟ ବିନିମୟରେ ୧୨୫ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲିଝାରି କ୍ରିକେଟ କ୍ଲବ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ ସଂଗ୍ରହ କରିଥିଲା । ନୟାଗଡ କ୍ରିକେଟ କ୍ଲବର ଖେଳାଳି ସିଲୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଅଶୋକ କୁମାର ନାୟକ ଓ ଜ୍ଞାନରଞ୍ଜନ ସାମଲ। ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏମପିଙ୍କ ଗଣିଆ ବ୍ଲକ ପ୍ରତିନିଧି ବଳରାମ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସମ୍ପାଦକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ନୟାଗଡ କ୍ରିକେଟ କ୍ଲବ ସହ ଦଶପଲ୍ଲା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ଜେଲ ଗଲେ ମୁଖ୍ୟ ଅଭିଯୁକ୍ତ

**ଶାଳଗଣ୍ଡି ଲୁଟ୍ ଓ ମହିଳା ବନପାଳଙ୍କୁ ଅସଦାଚରଣ ଘଟଣା**

ନୟାଗଡ ଅଫିସ/ ଓଡ଼ଗାଁ, ୪।୨(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନାର ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ବନ୍ଧାଭୂମି ଗ୍ରାମରେ ରବିବାର ଘଟିଥିବା ଶାଳ ଗଣ୍ଡି ଲୁଟ୍ ଓ ମହିଳା ବନପାଳଙ୍କୁ ଅସଦାଚରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ କୁମାର ବେହେରା ଓରଫ ଧନୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ ସଞ୍ଜୀବ ନିଜର କେତେକ ସମର୍ଥକଙ୍କ ସହିତ ରବିବାର ବିଳମ୍ବିତ ରାତିରେ ବାହାଡ଼ାଝୋଲା ସେକ୍ସନ ମହିଳା ବନପାଳ ସରିତା ବରାଳଙ୍କୁ ନାନା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଶାର୍ଟ କଲର ଧରି ଟଣାଓଟରା କରିଥିଲେ। ଏପରି କି ହତ୍ୟା ଧମକ ମଧ୍ୟ ଦେଇଥିଲେ। ପରେ ସେ ବନଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀ ଓ ଉପସ୍ଥିତ ପୋଲିସକୁ ଚକ୍‌ମା ଦେଇ ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ନେଇ ଚାଲିଯାଇଥିଲେ । ଏ ନେଇ ସମ୍ପୃକ୍ତ ବନପାଳ ସୋମବାର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା (ନଂ.୨୯/୨୦) ରୁଜୁ କରିଥିଲା। ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ସଞ୍ଜୀବଙ୍କୁ ବାହାଡ଼ାଝୋଲା ଫାଣ୍ଡି କଣ୍ଟିଆମ୍ବାରୁ ଗିରଫ କରିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ଥାନା ଓ ବନପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

## ଏବିଭିପି ପକ୍ଷରୁ ସିଏଏ ନେଇ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡା, ୪।୨(ସ୍ୱ.ପ୍ର.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖଣ୍ଡପଡା ନଗର ଶାଖା ପକ୍ଷରୁ ନାଗରିକତ୍ୱ ଆଇନ ସଂଶୋଧନ(ସିଏଏ) ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଖଣ୍ଡପଡା ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲା ଏବିଭିପି ସଂଯୋଜକ ପରମେଶ୍ୱର ମହାନ୍ତି ଓ ସଂଗଠକ ଜିତେନ୍ଦ୍ର କୁମାର କାଟିଆଙ୍କ ଆବାହକତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ର ସରକାର ସର୍ବସାଧାରଣଙ୍କ ହିତ ନିମନ୍ତେ ନାଗରିକତ୍ୱ ଆଇନ ସଂଶୋଧନ ଲାଗୁ କରିଥିବା ବେଳେ ବିରୋଧୀମାନେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଯଥାରେ ସାରା ଦେଶରେ ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବାରୁ ଏ ନେଇ ଏବିଭିପିର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏବିଭିପି ପକ୍ଷରୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ପରିସରରେ ସିଏଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡା ଶିଳ୍ପ ତାଲିମ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ବଳିୟାର ସିଂହ, ଶିକ୍ଷାବିତ୍ ଶିବ ନାରାୟଣ ଦାସ, କାଶୀନାଥ ପ୍ରଧାନ, ମନୋଜ କୁମାର ଦଳାଇ, ତପନ ସ୍ୱାଇଁ ପ୍ରମୁଖ ଛାତ୍ର ସଂଗଠକମାନେ ସିଏଏର ଉପକାରିତା ନେଇ ଆଲୋକପାତ କରିଥିଲେ।

PARADIP PORT TRUST
e-Tender Call Notice
Name of the work : **Upkeeping of Railway Yard outside Harbour area (From Eco. Rly. Boundary to Bauriapalanda Level Crossing) for the year 2020-21.** Estimated cost : **₹ 93,18,435.** Last date and time of submission : **22.02.2020** up to **17.00 hrs.** Refer our website for details : **https://eprocure.gov.in/eprocure/app**
Executive Engineer
PRD, PPT
PPT/PR/648/19-20 Dt :04.02.2020

PARADIP PORT TRUST
e-TENDER CALL NOTICE
Name of the work : **"Upkeeping of ADB Railway Yard (From PPL Level Crossing to ATBK Level Crossing) for the year 2020-21".** Estimated cost : **Rs.73,41,645/-.** Last date & time of submission : **Dt.22/02/2020 upto 17:00 Hrs.** Refer our website for details :
https://eprocure.gov.in/eprocure/app
Executive Engineer (PRD)
PPT/PR/644/19-20 Dt-04.02.2020

# ସ୍କାଉଟ୍ ଗାଇଡ୍ ଦେଖାଇଲେ ପରାକାଷ୍ଠା

**ଆଞ୍ଚଳିକ ସ୍ତରୀୟ କବ୍ ଓ ବୁଲ୍‌ବୁଲ୍ ଉଦ୍‌ଘାଟିତ**

ରଣପୁର,୪।୨(ସ୍ୱ.ପ୍ର.)




ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ଭାରତ ସ୍କାଉଟ୍ ଗାଇଡ୍ ତରଫରୁ ଓଡ଼ିଶାର ତୃତୀୟ ଆଞ୍ଚଳିକ ସ୍ତରୀୟ କବ୍ ଓ ବୁଲ୍‌ବୁଲ୍ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସ୍କାଉଟ୍ ଗାଇଡ ଛାତ୍ରୀଛାତ୍ରମାନେ ସେମାନଙ୍କର ପରାକାଷ୍ଠା ଦେଖାଇଛନ୍ତି। ୮ ତାରିଖ ଯାଏଁ ଉକ୍ତ କାର୍ଯ୍ୟକ୍ରମ ଚାଲୁ ରହିବ । ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ, ଭଦ୍ରକ, ଗଞ୍ଜାମ, ବଲାଙ୍ଗୀର ଜିଲାରୁ ୫ମରୁ ଅଷ୍ଟମ ଶ୍ରେଣୀ ଯାଏ ୬୩୦ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ରଣପୁର ସହରର ବ୍ରଜେନ୍ଦ୍ର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ଏନଏସି ଅଧ୍ୟକ୍ଷା ସବିତା ଦାସ ଓ ସମ୍ମାନିତ ଅତିଥି ରୂପେ ଉପେନ୍ଦ୍ର ନାଥ ସାହୁ, ବ୍ରଜେନ୍ଦ୍ର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନଲତା ବେହେରା ଯୋଗଦେଇଥିଲେ । ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଓଡିଶା ଷ୍ଟେଟ ବିଗ୍ରେଡ ସ୍କୁଲର ସ୍କାଉଡଗାଇଡଙ୍କର ଦଶାବତାର ନୃତ୍ୟ ବେଶ ମନଛୁଆଁ ଥିଲା । ନୟାଗଡ ଜିଲାରୁ ସର୍ବାଧିକ ୩୬୫ ସ୍କାଉଟ ଗାଇଡ୍ ଅଛନ୍ତି । ମଞ୍ଚ ପରିଚାଳନା କରିଥିଲେ ଅବସର ପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ଓ କବ୍ ଓ ବୁଲ୍‌ବୁଲ୍ କୋର୍ଡିନେଟର ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କବ୍ ଓ ବୁଲ୍‌ବୁଲ୍‌ରେ ସ୍କାଉଟ୍ ଗାଇଡରେ ପାରିଦର୍ଶିତା ଦେଖାଇଥିବା ନୟାଗଡ ଜିଲାର ବିଭିନ୍ନ ବିଦ୍ୟାଳୟର ୧୨ ଜଣ ରାଷ୍ଟ୍ରପତି ପୁରସ୍କାର ପାଇବେ ବୋଲି କୁହାଯାଇଛି।

### ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ସ୍କାଉଟ୍ ଗାଇଡ ଛାତ୍ରୀଛାତ୍ରମାନେ ରଣପୁର ସହରର ବ୍ରଜେନ୍ଦ୍ର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପହଞ୍ଚି ପୂର୍ବାହ୍ନ ୧୦ଟାରେ ନାମ ପଞ୍ଜୀକରଣ କରିଥିଲେ । ହେଲେ ସେମାନଙ୍କୁ ପ୍ରାତଃ ଜଳଖିଆ ଦିଆଯାଇ ନ ଥିଲା । ମଧ୍ୟାହ୍ନଭୋଜନ ୧ଟାରେ ଦେବା ପାଇଁ ନିୟମ ଥିବାବେଳେ ସାଢ଼େ ୨ଟାରେ ଦିଆଯାଇଥିଲା । ସନ୍ଧ୍ୟାରେ ବିସ୍କୁଟ୍ ଦିଆଯାଇଥିଲା, କିନ୍ତୁ ପାଣି ଦିଆଗଲା ନାହିଁ । ସ୍କାଉଟ୍ ଗାଇଡମାନେ ବାହାର ଦୋକାନରୁ ପାଣି କିଣିଥିଲେ । ସ୍କୁଲରେ ରହଣି ବ୍ୟବସ୍ଥା କରାଯାଇଛି । ହେଲେ ୬୩୦ ସ୍କାଉଟ୍ ଗାଇଡଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ୧୪ଟି ପାଇଖାନା ପର୍ଯ୍ୟାପ୍ତ ହେଉ ନାହିଁ । ଯେତିକି ରହିଛି ସେଥିମଧ୍ୟରୁ କିଛି ପାଇଖାନା କାମ କରୁନି । ଏତେ ସଂଖ୍ୟକ ପିଲା ସ୍ୱଳ୍ପ ପାଇଖାନା ବ୍ୟବହାର କରିବାରେ ଅସୁବିଧା ହୋଇଛି । ଏମାନଙ୍କ ପାଇଁ ଅସ୍ଥାୟୀ ପାଇଖାନା କରାଯାଇନି । ଏନେଇ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା କୁହନ୍ତି ଲାଗି ରହିଥିବା ଅବ୍ୟବସ୍ଥାକୁ ତୁରନ୍ତ ଦୂର କରାଯିବ ।

REGIONAL PASSPORT OFFICE, BHUBANESWAR
TENDER NOTICE

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की आपूर्ति के लिए बोलियां आमंत्रित की जा रही है, जिनके विवरण निम्नानुसार है:-
Regional Passport Office, Bhubaneswar is inviting the tender for hiring of car, details of which are as follows:

| क्रमांक Sl. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid submission End Date | Tender ID |
|---|---|---|---|---|
| 1 | किराये पर कार (निविदा दस्तावेज में विवरण) Hiring of Car (Details in Tender Document) | 05.02.2020 | 26.02.2020 | 2020_MEA_541258_1 |

उपरोक्त वर्णित निविदा आईडी का उपयोग करके, निविदा दस्तावेज **www.eprocure.gov.in** से डाउनलोड किया जा सकता है।
Tender document may be downloaded from website **www.eprocure.gov.in** using tender id mentioned above.
**Regional Passport Officer, Bhubaneswar**

